ଧରିତ୍ରୀ
DHARITRI
July 21-27, 2019 ₹2/-

# ଛୁଟିଦିନ

# ଏମିତି ନାଁ ରେ ସ୍କୁଲ

ଓଡ଼ିଶାରେ ଏମିତି କେତେକ ଶିକ୍ଷାନୁଷ୍ଠାନ ରହିଛି, ଯାହାର ନାଁ ଶୁଣିବାକୁ ମଜାଳିଆ ଲାଗିଥାଏ। ହେଲେ ଏପରି ନାମକରଣ ପଛରେ ରହିଥାଏ କିଛି କଥା ଓ କାହାଣୀ। ସେମିତି କିଛି ଶିକ୍ଷାନୁଷ୍ଠାନ ସମ୍ପର୍କରେ ଏଥରର ପ୍ରଚ୍ଛଦ...







୪
ପ୍ରଚ୍ଛଦ ପ୍ରସଙ୍ଗ



୧୩
ସହରଠୁ ଦୂର

ସିନେମା
୮/୯



# ଭାଗ୍ୟ ଖୋଲିଦେବ ଏହି ଗଛ

**ଜ୍ୟୋତିଷ ଶାସ୍ତ୍ରରେ ଉଲ୍ଲେଖ ରହିଛି, ବାଡ଼ି ବଗିଚାରେ ଗଛଲତାର ଯତ୍ନ ନେଲେ ଆରୋଗ୍ୟ ଲାଭ ସହ ଗ୍ରହଦୋଷ ମଧ୍ୟ କଟିଯାଏ। ତେବେ ଘରେ କେଉଁସବୁ ଗଛ ଲଗାଇଲେ ଶୁଭ ଫଳ ପ୍ରାପ୍ତି ହୋଇଥାଏ ସେ ସମ୍ପର୍କରେ...**



+ ଲାଜକୁଳି ଲତା ଯଦି ଘରର ଈଶାନ୍ୟ କୋଣରେ ଥାଏ ତେବେ ତାହା ଅତ୍ୟନ୍ତ ଶୁଭ। ନିୟମିତ ଏଥିରେ ପାଣି ଦେବା ଦ୍ୱାରା ରାହୁ ଦୋଷ ଦୂର ହୋଇଥାଏ।
+ ଘରର ପଶ୍ଚିମ ଦିଗରେ ଶମୀ ଗଛ ଲଗାନ୍ତୁ। ଶନିବାର ଏହି ଗଛକୁ ପୂଜା କରିବା ଦ୍ୱାରା ଶନିଦୋଷ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି।
+ ଘରର ପୂର୍ବ ଦିଗରେ ତୁଳସୀ ଗଛ ଲଗାନ୍ତୁ। ନିୟମିତ ସ୍ନାନ କରିବା ପରେ ଏଥିରେ ପାଣି ଦେବା ଦ୍ୱାରା ପରିବାରର ମଙ୍ଗଳ ହେବା ସହ ସମସ୍ତଙ୍କ ସ୍ୱାସ୍ଥ୍ୟ ବି ଭଲ ରୁହେ।
+ ଘରର ପୂର୍ବ ଦିଗରେ ଅଶ୍ୱତ୍ଥ ଗଛ ଲଗାଇ ଯଦି ଘରର ମୁଖ୍ୟ ଦ୍ୱାରରେ ସ୍ୱସ୍ତିକ ଚିହ୍ନ ଅଙ୍କାଯାଏ ତେବେ ଘରେ ସକାରାତ୍ମକ ଶକ୍ତି ପ୍ରବେଶ କରିଥାଏ ଓ କିଛି ବି ଅନିଷ୍ଟ ହୁଏନି। ଏହି ଗଛକୁ ଉତ୍ତର ଦିଗରେ ଲଗାଇଲେ ଧନ ବୃଦ୍ଧି ହୁଏ ଓ ପଶ୍ଚିମ ଦିଗରେ ଲଗାଇଲେ ଶନିଦେବ ପ୍ରସନ୍ନ ହୁଅନ୍ତି।
+ ଭଗବାନ ଗଣେଶଙ୍କୁ ଅର୍ପଣ କରାଯାଉଥିବା ଦୂବ ଯଦି ବାଡି ବଗିଚାରେ ଥାଏ ତେବେ ତାହା ଅତ୍ୟନ୍ତ ଶୁଭ ବୋଲି କୁହାଯାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁଲାଇ ୨୧-୨୭

### ମେଷ
କାର୍ଯ୍ୟରେ ସଫଳତା, ପାରିବାରିକ ସୁଖ, ମାନସିକ ସ୍ଥିରତା, ଅର୍ଥନୈତିକ ଅଭିବୃଦ୍ଧି। ବନ୍ଧୁସମ୍ପର୍କରେ ବାଧା, ରାଜନୀତିରେ ବିବାଦ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ମାଲିମକଦ୍ଦମାରେ ଫାଇଦା, ଆନୁଷ୍ଠାନିକ କାମ, ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା।

### ବୃଷ
ବିଭିନ୍ନ ପ୍ରକାରର ପ୍ରତିରୋଧ, କଳା, ସାହିତ୍ୟରେ ସୁନାମ, ଶିଳ୍ପବାଣିଜ୍ୟରେ ସମସ୍ୟା, ପ୍ରତିଯୋଗିତାରେ ସଫଳତା, ଆତ୍ମୀୟସ୍ୱଜନ ସହ ବିବାଦ, ବିଦେଶ ଯାତ୍ରାର ସୁଯୋଗ, ରପ୍ତାନି ବାଣିଜ୍ୟରୁ ଲାଭ।

### ମିଥୁନ
କର୍ମକ୍ଷେତ୍ରରେ ପ୍ରତିଷ୍ଠା, ମିତ୍ରବନ୍ଧୁଙ୍କ ସାହାଯ୍ୟ, ଅର୍ଥସଂକଟ ଦୂରହେବ, ଦୈହିକ ଦୁର୍ବଳତା, ପାରିବାରିକ ସ୍ଥିତିରେ ଉନ୍ନତି, ସରକାରୀ ସ୍ତରରୁ ଚାପ ବୃଦ୍ଧି, ବନ୍ଧୁଙ୍କ ସହ ସଫଳ ଆଲୋଚନା।

### କର୍କଟ
ଆନୁଷଙ୍ଗିକ ସହଯୋଗ, ଅନୁକୂଳ ବାତାବରଣ, ନିର୍ମାଣ କାମରେ ଦ୍ୱନ୍ଦ୍ୱ, ଗଣ ଯୋଗାଯୋଗରୁ ପ୍ରଶଂସା, ଗମନାଗମନରେ ସମସ୍ୟା, ପୂର୍ବ ଶତ୍ରୁତାରୁ ବିବାଦ, ପାରିବାରିକ ସୌଖ୍ୟ।

### ସିଂହ
ସମସ୍ୟାର ସମାଧାନ, ମାଲିମକଦ୍ଦମାରେ ବିଜୟ, ଗୋପନ କଥାରୁ ବିବାଦ, ବେହିସାବ ଖର୍ଚ୍ଚରୁ ଦୁଶ୍ଚିନ୍ତା, ସରଳ ବିଶ୍ୱାସରୁ ସମସ୍ୟା, ନିର୍ମାଣାଧୀନ କାମରେ ବାଧା, ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି, ଆର୍ଥିକ ଅନଟନ, ବନ୍ଧୁଙ୍କ ସୁପରାମର୍ଶ।

### କନ୍ୟା
ଆର୍ଥିକ ସମସ୍ୟା, ଋଣଭାରର ଚାପ, ବିବାଦୀୟ ପରିସ୍ଥିତି, ସୁସମ୍ପର୍କ ବ୍ୟାହତ, ଦିଗହରା ଭ୍ରମଣ, ଯାତ୍ରାରେ ଅନିଶ୍ଚିତତା, ସାଂଗଠନିକ ନେତୃତ୍ୱ, ବନ୍ଧୁଙ୍କ ମିଥ୍ୟା ପ୍ରତିଶ୍ରୁତି, ନୂତନ ବସ୍ତ୍ରାଳଙ୍କାର ପ୍ରାପ୍ତି।

### ତୁଳା
ପ୍ରତିକୂଳ ପରିସ୍ଥିତି, ଶତ୍ରୁତାର ମାୟାଜାଲ, ଲକ୍ଷ୍ୟସାଧନ, ଅର୍ଥନୈତିକ ଅଭିବୃଦ୍ଧି, ଯାନବାହନର ନବୀକରଣ, ଘର ସାଜସଜ୍ଜା, ପାରିବାରିକ ସମସ୍ୟା, ଶାସ୍ତ୍ରାଲୋଚନା କରିବେ, ଅନୁତାପ କରିବାକୁ ପଡିପାରେ ।

### ବିଛା
ସ୍ୱାସ୍ଥ୍ୟ ସମସ୍ୟା, ମାନସିକ ଅସ୍ଥିରତା, ଆର୍ଥିକସ୍ଥିତିରେ ଉନ୍ନତି, ଗୃହସୀମା ବିବାଦ, ବନ୍ଧୁଙ୍କ ସାହାଯ୍ୟ, କଚେରୀ ମାମଲାରେ ବିଜୟ, କ୍ରୀଡା ଚଳଚ୍ଚିତ୍ରରେ ସମ୍ମାନ, ପାରିବାରିକ ସହଯୋଗ, ଭ୍ରମଣ ସୁଯୋଗ।

### ଧନୁ
କାମରେ ଅବ୍ୟବସ୍ଥା, ଶାରୀରିକ କ୍ଲେଶ, ବନ୍ଧୁଙ୍କ ଅସନ୍ତୋଷ, ଲୋକପ୍ରିୟତା ହ୍ରାସ, ସନ୍ତାନହେତୁକ ଦ୍ୱନ୍ଦ୍ୱ, କ୍ରନିକ୍ ରୋଗରେ ପୀଡା, ପରିବାରରେ ମତଭେଦ, ଆନୁଷ୍ଠାନିକ କାମ, ବିବାଦୀୟ ପରିସ୍ଥିତି ଅମୀମାଂସିତ।

### ମକର
ମିତ୍ରବନ୍ଧୁ ସମାଗମ, ଗଠନମୂଳକ ପରାମର୍ଶ, କାର୍ଯ୍ୟହାସଲରେ ତତ୍ପରତା, ରୁଗ୍ଣସ୍ୱାସ୍ଥ୍ୟରେ ଉନ୍ନତି। ଆର୍ଥିକ ଅନଟନ, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ବ୍ୟବସାୟିକ ଉତ୍କର୍ଷ। ଆସ୍ଥା ହରାଇପାରନ୍ତି, ଯାତ୍ରା ସ୍ଥଗିତ ରହିବ।

### କୁମ୍ଭ
କର୍ମକ୍ଷେତ୍ରରେ ସୁନାମ, ପରିବାରର ସହଯୋଗ, ଯାନ ବାହନରେ ଉନ୍ନତି, ଦୃଢୀଭୂତ ବନ୍ଧୁ ସମ୍ପର୍କ, ରାଜନୈତିକ ବିବାଦ, ଗୁପ୍ତ ଶତ୍ରୁତା, ଦ୍ରବ୍ୟହାନି, ଭୁଲ୍ ବୁଝାମଣାରୁ ଦ୍ୱନ୍ଦ୍ୱ, ପୁରାତନ ରୋଗ ପୀଡା, ପ୍ରଗତିର ପଥରୋଧ, ସମାଲୋଚିତ ହୋଇପାରନ୍ତି।

### ମୀନ
ସଂଘର୍ଷମୟ ପରିସ୍ଥିତି, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି, ଆର୍ଥିକ ସ୍ଥିତିରେ ଉନ୍ନତି, ସମସ୍ୟାର ସମାଧାନ, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ, ମାଙ୍ଗଳିକ କାମର ପ୍ରସ୍ତୁତି, ମନୋରଞ୍ଜନର ମଉକା, ବନ୍ଧୁମିଳନ, ସଭାସମିତିରେ ପ୍ରଶଂସା।

# ପକ୍ଷୀବସା ଭଳି ରେସ୍ତୋରାଁ

ପର୍ଯ୍ୟଟକଙ୍କ ଭ୍ରମଣ କାହାଣୀକୁ ଆଉ ଟିକିଏ ରୋମାଞ୍ଚକର କରିବା ଲାଗି ପୃଥିବୀର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀରେ ବିଭିନ୍ନ ଆକର୍ଷଣୀୟ ସ୍ଥାନ ନିର୍ମାଣ କରାଯାଇଛି । ସେଭଳି ଏକ ସ୍ଥାନ ହେଉଛି ଥାଇଲାଣ୍ଡର ସୋନେଭା କିର୍ଲ ଇକୋ ରିସୋର୍ଟ । ପ୍ରାକୃତିକ ସୌନ୍ଦର୍ଯ୍ୟ ଘେରା ଏହି ସ୍ଥାନରେ ପର୍ଯ୍ୟଟକମାନେ ସୁସ୍ୱାଦୁ ଖାଦ୍ୟପେୟ ସହ ରାତ୍ରି ଯାପନ କରିବାର ସୁବିଧା ମଧ୍ୟ ପାଇପାରିବେ । ଏହି ରିସୋର୍ଟର ଏକ ସ୍ୱତନ୍ତ୍ରତା ହେଉଛି ଏଠାକାର ରେସ୍ତୋରାଁ। 'ବାର୍ଡସ୍ ନେଷ୍ଟ ରେସ୍ତୋରାଁ' ଭାବେ ପରିଚିତ ଏହି ସ୍ଥାନଟି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥାଏ। ଯେଭଳିକି ଏହାର ନାଁ ରହିଛି ବାର୍ଡସ୍ ନେଷ୍ଟ, ଏହି ରୋସ୍ତୋରାଁ ନିର୍ମାଣ ହୋଇଛି ସୁଉଚ୍ଚ ବିଶାଳ ଗଛ ଉପରେ । କେବଳ ସେତିକି ନୁହେଁ ଏହି ରୋସ୍ତୋରାଁ ତଳେ ଏକ ଝରଣା ମଧ୍ୟ ରହିଛି । ଭୂପୃଷ୍ଠରୁ ପ୍ରାୟ ୧୬ ଫୁଟ ଉଚ୍ଚରେ ନିର୍ମିତ ହୋଇଛି କାଠ ଏବଂ ଚମଡାର ବିଭିନ୍ନ ପୋଡ୍ । ଏହି ପୋଡ୍‌ରେ ବସି ପର୍ଯ୍ୟଟକମାନେ ସୁସ୍ୱାଦୁ ଭୋଜନ ସହ ପ୍ରାକୃତିକ ସୌନ୍ଦର୍ଯ୍ୟର ମଜା ମଧ୍ୟ ନେଇପାରିବେ । ଏହି ରେସ୍ତୋରାଁର ଆଉ ଏକ ସ୍ୱତନ୍ତ୍ରତା ହେଉଛି, ଏଠାରେ ୱେଟରମାନେ ଗଛ ସହ ସଂଶ୍ଳିଷ୍ଟ ଜିପ୍ ଲାଇନ୍ ମାଧ୍ୟମରେ ଉଡି ଆସି ଅର୍ଡର ନେବା ସହ ଖାଦ୍ୟ ମଧ୍ୟ ପରଷିଥାନ୍ତି ।



# ପାଠକୀୟ

◆ଶ୍ରୀଜଗନ୍ନାଥ ସଂସ୍କୃତି ସର୍ବଧର୍ମ ସମନ୍ୱୟର ପ୍ରତୀକ। ଭକ୍ତର ଭକ୍ତିଭାବରେ ବନ୍ଧା କାଳିଆସାଆନ୍ତ ହିଁ ଭକ୍ତର ଭଗବାନ। ତାଙ୍କ ପାଖରେ ନ ଥାଏ ଜାତିଧର୍ମର ଭେଦଭାବ। ସେ ଇଚ୍ଛାମୟ, କରୁଣାସାଗର କେବେ କାହାରିକୁ ନିରାଶ କରିନାହାନ୍ତି। ସେଥିପାଇଁ ତ ସେ ବଡ଼ଦେଉଳରୁ ବାହାରି ଆସନ୍ତି ବଡ଼ଦାଣ୍ଡକୁ ଆଉ ଭୁଜବଢାଇ ନିଅନ୍ତି ତାଙ୍କ ଆଶ୍ରିତଜନଙ୍କୁ। ତେଣୁ ଏଥରର ଛୁଟିଦିନରେ ପ୍ରକାଶିତ ପ୍ରଚ୍ଛଦ ପ୍ରସଙ୍ଗ 'ଭକ୍ତର ଭଗବାନ' ପାଠଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। 'ବଡ଼ି ପେଣ୍ଟିଂ ଫେଷ୍ଟିଭାଲ' ଏକ ନିଆରା ବିଷୟ ଥିଲା। ସେହିପରି 'ସୁରକ୍ଷିତ ସୋଶିଆଲ ସାଇଟ୍ସ ପାଇଁ' ପାଠଟିରୁ ଅନେକ ନୂଆ କଥା ଜାଣିହେଲା।

**–ତାପସୀ ବରାଳ, କୁମ୍ଭାରପଡ଼ା, ପୁରୀ**

◆ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଭକ୍ତର ଭଗବାନ'ପାଠଟି ପଢିଲା ପରେ ମନରେ ଏକ ଶାନ୍ତିଭାବ ଆସିଥିଲା। କାଳିଆ ଠାକୁରଙ୍କର ମହିମା ସତରେ ଖୁବ୍ ଅପାର। 'ଟ୍ରେଣ୍ଡି ଛତା' ପାଠରୁ କେତେକ ଷ୍ଟାଇଲିଶ୍ ଛତା ସମ୍ପର୍କରେ ଜାଣିହେଲା। ସେହିପରି ବ୍ୟକ୍ତିତ୍ୱ ପୃଷ୍ଠାରୁ କେତେକ ମାନବବାଦୀ ଲେଖିକାଙ୍କ ବିଷୟରେ ପଢିବାକୁ ମିଳିବାରୁ ଖୁସି ଲାଗିଲା। ସୃଜନ ପୃଷ୍ଠାର ଗପ ଓ କବିତା ବି ବେଶ୍ ମନଛୁଆଁ ଥିଲା।

**–ରଶ୍ମି ପ୍ରଧାନ, ବାଦାମବାଡି, କଟକ**

◆ସିନେମା ପୃଷ୍ଠାରେ ସ୍ଥାନିତ 'କରୀନା ଯାହା ଚାହୁଁଥିଲେ', 'ରାଜି ହେଲେ ଇଶାନ୍', 'ଦୁଇ ଦୁଣେ ପାଞ୍ଚ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ଉଚ୍ଚକୋଟୀର ଥିଲା। ସେହିପରି ପ୍ରଥମ ରୋଜଗାର ସ୍ତମ୍ଭରୁ ପ୍ରାଧ୍ୟାପକ, ପ୍ରାବନ୍ଧିକ ତଥା ଉଦ୍‌ଘୋଷକ ଡ.ଚନ୍ଦ୍ରଶେଖର ଦାଶଙ୍କ ରୋଜଗାର ସମ୍ପର୍କିତ ଲେଖାଟି ମୋ ମନ କିଣିନେଲା। ଅନ୍ୟପକ୍ଷେ 'ସର୍ବହରା ମା'ବାପା' ପାଠଟି ଏକ ଦୁଃଖଦପୂର୍ଣ୍ଣ ବିଷୟ ଥିଲା।

**–ଦିଲ୍ଲୀପ ପଟ୍ଟନାୟକ, ଭଞ୍ଜନଗର, ଗଞ୍ଜାମ**

◆ଏଥରର ଚିନ୍ମୟ ଚିନ୍ତନରେ ପ୍ରକାଶିତ 'ଆନନ୍ଦେ ଏକବାର ହରିବୋଲ'ପାଠଟି ଏକ ନୂଆ ଚେତନା ସମ୍ପର୍କରେ ମୋତେ ଅବଗତ କରାଇଲା। ମଡେଲ୍ ମିର୍‌ରରେ 'ଅଲ୍ଲୀ' ବେଶ୍ ହ୍ୟାଣ୍ଡସମ ଲାଗୁଥିଲେ। ହାଃ ହାଃ ବି ଖୁବ୍ ମଜାଦାର୍ ଥିଲା। ଅନ୍ୟପକ୍ଷେ ସହର ପୃଷ୍ଠାରୁ 'ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ହୋସ୍ଟେଟ୍' ସମ୍ପର୍କରେ ଅନେକ ନୂଆ କଥା ଜାଣିବାକୁ ମିଳିଲା।

**–ଅଭିନାଶ ମହାନ୍ତି, ଝାରସୁଗୁଡ଼ା**

◆ବିବିଧା ପୃଷ୍ଠାରେ ସ୍ଥାନିତ 'ଟେବୁଲ ଟେନିସ୍ ଡୋର୍' ଏବଂ ବ୍ୟାକ୍‌ପେଜ୍‌ରେ ସ୍ଥାନିତ 'ଡଗ୍‌ବ୍ରେଲା', 'ରୁଟି କମ୍ବଳ' ଆଦି ପାଠଗୁଡ଼ିକ ବେଶ୍ ଆଶ୍ଚର୍ଯ୍ୟକର ଥିଲା। ସେହିପରି ଯାତ୍ରା ପୃଷ୍ଠାରୁ ପ୍ରମିଳା ଲେଙ୍କାଙ୍କ ମା' ଭୂମିକାରେ ସନ୍ତୁଷ୍ଟ ହେବାର କଥାଟିକୁ ବେଶ୍ ସୁନ୍ଦର ଭାବେ ଉପସ୍ଥାପନା କରାଯାଇଥିଲା।

**–ସନ୍ତୋଷ ଦାଶ, ଚଣ୍ଡୀଖୋଲ, ଯାଜପୁର**

## ବିଶେଷ ଚିଠି



ଧରିତ୍ରୀ ସହ ଛୁଟିଦିନର ଆଗମନ
ମନେ ବୋଳିଦିଏ ପ୍ରୀତି ଚନ୍ଦନ,
ଜ୍ଞାନ ବିଜ୍ଞାନର ଗନ୍ତାଘର ସାଜି
ସପ୍ତାହକୁ ଆସେ ଗୋଟିଏ ଦିନ।
ଗଳ୍ପ, କବିତା ସହ ସହରଠୁ ଦୂର
ତା'ସହ ବ୍ୟକ୍ତିତ୍ୱ, ବ୍ୟାକ୍‌ପେଜ୍ ଖବର,
ସାଥୀ ପୃଷ୍ଠାର ନିଆରା ଉତ୍ତର
ମନେ ଭରି ଦିଏ ଖୁସି ଅପାର।

**–ବିନୋଦ ବିହାରୀ ବେହେରା, ନୂଆସାହି, ଗୋଶାଳା ରୋଡ୍, ନୂଆବଜାର, କଟକ**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ଅଜବ ୱାଟରିଂ କ୍ୟାନ୍

**ଫୁଲଗଛରେ ଜଳସିଞ୍ଚନ ପାଇଁ ସାଧାରଣତଃ ୱାଟରିଂ କ୍ୟାନ୍‌ର ବ୍ୟବହାର କରାଯାଇଥାଏ। ହେଲେ ଏବେ ମାର୍କେଟ୍‌ରେ ଏମିତି କିଛି ଅଜବ ଡିଜାଇନ୍‌ର ୱାଟରିଂ କ୍ୟାନ୍ ମିଳିଲାଣି, ଯାହା ଗଛରେ ପାଣି ଦେବାରେ ସାହାଯ୍ୟ କରିବା ସହ ବଗିଚାର ଶୋଭାବର୍ଦ୍ଧନ ମଧ୍ୟ କରିପାରିବ। ଆସନ୍ତୁ ଜାଣିବା ସେ ସମ୍ପର୍କରେ...**













**ବହୁରୂପୀ ଏଣ୍ଡୁଅ ଶେପ୍‌ର ୱାଟରିଂ କ୍ୟାନ୍:** ଏଠାରେ ଯେଉଁ ୱାଟରିଂ କ୍ୟାନ୍ କଥା କୁହାଯାଉଛି, ତାହା ବହୁରୂପୀ ଏଣ୍ଡୁଅ ଡିଜାଇନ୍‌ର ହୋଇଥାଏ ସତ; ହେଲେ ରଙ୍ଗ ବଦଳାଇ ପାରେନାହିଁ। କିନ୍ତୁ ଏହା ସାହାଯ୍ୟରେ ଗଛରେ ପାଣି ଦେଲା ବେଳେ ଏକ ନିଆରା ଲୁକ୍ ନିଶ୍ଚୟ ମିଳିଥାଏ।

**ଗାର୍ଡେନ୍ ଟୁଲ୍ସ ୱାଟରିଂ କ୍ୟାନ୍:** ଏହି ୱାଟରିଂ କ୍ୟାନ୍ ସାହାଯ୍ୟରେ କେବଳ ଗଛରେ ପାଣି ଦେଇହେବ ତାହା ନୁହେଁ, ଏଥିରେ ଖଞ୍ଜା ହୋଇଥିବା ବିଭିନ୍ନ ଗାର୍ଡେନ ଟୁଲ୍ସ ସାହାଯ୍ୟରେ ବଗିଚାରେ ଗାତ ଖୋଳିବା, ଅନାବନା ଗଛକୁ ମଧ୍ୟ ଉପୁଡ଼ା ଯାଇପାରିବ।

**ଫୁଲ ଶେପ୍‌ର ୱାଟରିଂ କ୍ୟାନ୍:** ଫୁଲଗଛରେ ପାଣିଦେବା ପାଇଁ ଫୁଲ ଶେପ୍ ୱାଟରିଂ କ୍ୟାନ୍‌ର ବ୍ୟବହାର କରିବା ସତରେ ଏକ ନିଆରା ଦୃଶ୍ୟ ନୁହେଁ କି! ଆଜିକାଲି ମାର୍କେଟ୍‌ରେ ବିଭିନ୍ନ ଫୁଲ ଡିଜାଇନ୍‌ର ୱାଟରିଂ କ୍ୟାନ୍ ମିଳିଲାଣି, ଯାହା ସୁନ୍ଦର ଦେଖାଯିବା ସହ ଇନ୍‌ଡୋର୍ କିମ୍ବା ଆଉଟ୍‌ଡୋର୍ ଗାର୍ଡେନ୍‌କୁ ଆକର୍ଷଣୀୟ ଲୁକ୍ ଦେଇପାରିବ।

**ବି ୱାଟରିଂ କ୍ୟାନ୍:** ମହୁମାଛି ସଦୃଶ ଏହି ୱାଟରିଂ କ୍ୟାନ୍ ଦେଖିବାକୁ ଯେମିତି ସୁନ୍ଦର ଲାଗିଥାଏ, ଏହା ସାହାଯ୍ୟରେ ଫୁଲଗଛରେ ପାଣିଦେବା ବି ସେମିତି ସହଜ ହୋଇଥାଏ।

**ପକ୍ଷୀଙ୍କ ଶେପ୍‌ବାଲା ୱାଟରିଂ କ୍ୟାନ୍:** ଏବେ ମାର୍କେଟ୍‌ରେ ବିଭିନ୍ନ ପକ୍ଷୀମାନଙ୍କ ଶେପ୍‌ରେ ବି ୱାଟରିଂ କ୍ୟାନ୍ ଉପଲବ୍ଧ ହେଲାଣି। ଖାସ୍ କରି ହଂସ, ରାଜହଂସ, ବତକ, ପେଚା ତଥା କୁକୁଡ଼ା ଇତ୍ୟାଦି ପକ୍ଷୀଙ୍କ ଶେପ୍‌ବାଲା ୱାଟରିଂ କ୍ୟାନ୍‌ର ଭଲ ଚାହିଦା ରହୁଥିବା ଦେଖିବାକୁ ମିଳୁଛି। ତେବେ ଏହି ପକ୍ଷୀ ଶେପ୍‌ବାଲା ୱାଟରିଂ କ୍ୟାନ୍ ସାହାଯ୍ୟରେ ଫୁଲଗଛରେ ପାଣି ଦେଇହେବ ନଚେତ୍ ଏହାକୁ ବଗିଚାରେ ସଜେଇ ବଗିଚାର ଶୋଭା ବୃଦ୍ଧି କରିହେବ।

**ସ୍ପେଶ୍ ସେଭିଂ ୱାଟରିଂ କ୍ୟାନ୍ ଉଇଥ୍ ରୋଟେଟିଂ ସ୍ପାଉଟ୍:** ସାଧାରଣତଃ ୱାଟରିଂ କ୍ୟାନ୍‌ଗୁଡ଼ିକରେ ଥିବା ସ୍ପାଉଟ୍ ବା ପାଣିଛିଞ୍ଚା ନଳୀ ଉପରକୁ ଉଠିକି ରହିଥାଏ। ହେଲେ ଏଠାରେ ଯେଉଁ ସ୍ପାଉଟ୍ କଥା କୁହାଯାଉଛି, ତାହା ରୋଟେଟିଂ ସିଷ୍ଟମ୍‌ରେ ଥାଏ। ଯେତେବେଳେ ଗଛରେ ପାଣିଦେବାର ଥିବ, ସେତେବେଳେ ସ୍ପାଉଟ୍‌କୁ ମୋଡ଼ି ଉପରକୁ ଉଠାଇପାରିବେ ନଚେତ୍ ଏହାକୁ ଓଲଟା ମୋଡ଼ି ସ୍ପେଶ୍ ସେଭିଂ କରିପାରିବେ।

**ମୂଷା ଶେପ୍‌ର ୱାଟରିଂ କ୍ୟାନ୍:** ଅବିକଳ ମୂଷା ପରି ଦେଖାଯାଉଥିବା ଏହି ୱାଟରିଂ କ୍ୟାନ୍‌ଗୁଡ଼ିକ ବି ଦେଖିବାକୁ ବେଶ୍ ଆକର୍ଷଣୀୟ ଲାଗିଥାଏ।

**ହାତୀ ଶେପ୍‌ର ୱାଟରିଂ କ୍ୟାନ୍:** ହାତୀ ଶେପ୍‌ବାଲା ୱାଟରିଂ କ୍ୟାନ୍ ବି ବହୁତ ସୁନ୍ଦର ଦେଖାଯାଇଥାଏ। ହାତୀ ଶୁଣ୍ଢ ଦେଇ ଫୁଲଗଛରେ ପାଣି ଦେଲାବେଳେ ଲାଗେ ସତେ ଯେମିତି ଛୋଟ କୁନି ହାତୀଟିଏ ତା'ର କୁନି ଶୁଣ୍ଢରେ ଫୁଲ ଗଛରେ ପାଣି ଦେଉଛି।

**ମାଛ ଶେପ୍‌ବାଲା ୱାଟରିଂ କ୍ୟାନ୍:** ବିଭିନ୍ନ ପ୍ରକାର ମାଛ ଶେପ୍‌ରେ ବି ୱାଟରିଂ କ୍ୟାନ୍ ଆସୁଛି, ଯାହା ଦେଖିବାକୁ ସୁନ୍ଦର ଲାଗିବା ସହ ନିଆରା ଅନୁଭୂତି ଦେଇପାରୁଛି।

କେବଳ ଏତିକି ନୁହେଁ, ଆହୁରି ଅନେକ ଅଜବ ଅଜବ ଡିଜାଇନ୍‌ବାଲା ୱାଟରିଂ କ୍ୟାନ୍ ଏବେ ମାର୍କେଟ୍‌ରେ ଉପଲବ୍ଧ ହେଲାଣି, ଯାହାକୁ ଗ୍ରାହକ ନିଜ ପସନ୍ଦ ମୁତାବକ କିଣି ଗଛରେ ପାଣିଦେବା ସହ ବଗିଚାର ଶୋଭାବର୍ଦ୍ଧନ ମଧ୍ୟ କରିପାରିବେ।





# ଏମିତି ନାଁରେ ସ୍କୁଲ

ବିଦ୍ୟାଳୟର ଶୈକ୍ଷିକ ପରିବେଶରେ–ଛାତ୍ରୀଛାତ୍ରଙ୍କ ବୌଦ୍ଧିକ, ଚାରିତ୍ରିକ ତଥା ଉତ୍ତମ ଜ୍ଞାନର ବିକାଶ ହୋଇଥାଏ। ଏପରିକି ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଅଭିଭାବକଙ୍କ ମଧ୍ୟରେ ଉତ୍ତମ ବନ୍ଧୁତ୍ୱର ପରିଚୟ ସୃଷ୍ଟି କରିଥାଏ। ଏହା କେବଳ ଶ୍ରେଣୀଗୃହର ଚାରିକାନ୍ଥ ମଧ୍ୟରେ ସୀମିତ ନ ଥାଏ। ଏହାର ସୁପ୍ରଭାବ ସମଗ୍ର ସମାଜ ଉପରେ ପଡ଼ିଥାଏ। ତେବେ ଓଡ଼ିଶାରେ ଏମିତି କେତେକ ଶିକ୍ଷାନୁଷ୍ଠାନ ରହିଛି, ଯାହାର ନାଁ ଶୁଣିବାକୁ ମଜାଳିଆ ଲାଗୁଥିଲା ବେଳେ ସାଧାରଣରେ ହାସ୍ୟରୋଳ ବି ସୃଷ୍ଟି କରିଥାଏ। ହେଲେ ଏପରି ନାମକରଣ ପଛରେ ରହିଛି କିଛି କଥା ଓ କାହାଣୀ। ସେମିତି କିଛି ଶିକ୍ଷାନୁଷ୍ଠାନ ସମ୍ପର୍କରେ ଏଥରର ପ୍ରଚ୍ଛଦ...

**ଗାଲୁଆ:** କୌଣସି କାର୍ଯ୍ୟକୁ ନେଇ କଥୋପକଥନରେ ଯଦି କେହି ଜାଣିଶୁଣି ମାନେନାହିଁ, ତେବେ ପ୍ରସଙ୍ଗଭିତ୍ତିରେ ପଦେ ଶବ୍ଦ ଶୁଣିବାକୁ ମିଳେ ଗାଲୁଆ। ଏପରି ଶବ୍ଦ ଶୁଣିଲେ କେହି ବି କିଛି ଭାବିପାରେ। ମାତ୍ର ଗାଲୁଆ ଏକ ଗାଁର ନାଁ ବି ରହିଛି। ଏହା ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଅନ୍ତର୍ଗତ ଗାଲୁଆ ଗ୍ରାମପଞ୍ଚାୟତ ଅଧୀନ। ଏଠାରେ ରହିଛି ଗାଲୁଆ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ। ୨୦୧୮–୧୯ ମସିହାରେ ଏହା ସରକାରୀ ପ୍ରାଥମିକ ବିଦ୍ୟାଳୟ, ଗାଲୁଆ ହୋଇଛି। ଏହି ବିଦ୍ୟାଳୟ ୨୦୦୮ରେ ସ୍ଥାପିତ ହୋଇଥିଲା। ବର୍ତ୍ତମାନ ୧ମରୁ ୫ମ ଶ୍ରେଣୀରେ ୩୩ ଛାତ୍ରୀଛାତ୍ର ପଢୁଛନ୍ତି। ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ନାୟକ କୁହନ୍ତି, ପୂର୍ବାହ୍ନ ୧୦ଟାରୁ ସ୍କୁଲ ଖୋଲାଯାଏ। ଶିକ୍ଷାଦାନ ପୂର୍ବରୁ ପ୍ରାର୍ଥନା ହୁଏ। ପାଠ୍ୟଖସଡ଼ା ଅନୁସାରେ ପିଲାଙ୍କୁ ଶିକ୍ଷାଦାନ କରାଯାଇଥାଏ। ଏତଦ୍ ବ୍ୟତୀତ ପିଲାମାନଙ୍କ ମଧ୍ୟରେ ସୃଜନଶୀଳତାର ବିକାଶ ନିମନ୍ତେ ବିଭିନ୍ନ ଶିକ୍ଷଣୀୟ କାର୍ଯ୍ୟକ୍ରମ କରାଯାଇଥାଏ। ପାନୀୟଜଳର ସୁବିଧା ରହିଛି, ମାତ୍ର ଅଧିକ ଶୌଚାଳୟର ବ୍ୟବସ୍ଥା ନାହିଁ। ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନଙ୍କ ସହଯୋଗ ରହିଛି। ଏହି ଗାଁର ନାଁ ସମ୍ପର୍କରେ ଗ୍ରାମବାସୀ ମାଟିଆ ବାରିକ କୁହନ୍ତି, ପୂର୍ବେ ଏହି ଗାଁକୁ ଲୋକେ ବକ୍ସି ପାଟଣା କହୁଥିଲେ । ଆମ ବାପ ଗୋସିବାପ ଅମଳରୁ ଶୁଣିଥିଲୁ ଏହି ଗାଁର ଜଣେ କବିରାଜ ଥିଲେ। ଥରେ ରାଣୀଙ୍କ ଦେହ ଅସୁସ୍ଥ ହେବାରୁ ଚିକିତ୍ସା କରି ତାଙ୍କୁ ଆରୋଗ୍ୟ କରିଥିଲେ। ସେଥିପାଇଁ ରାଜା ଏହି କବିରାଜଙ୍କ ଗୃହ ଦେଖିବା ନିମନ୍ତେ ଏକ ପ୍ରସ୍ତାବ ଦେଇଥିଲେ ଏବଂ ଯୋଜନା ଅନୁଯାୟୀ ଦିନେ ରାଜା କବିରାଜଙ୍କ ଗାଁକୁ ଆସିଲେ। ମାତ୍ର କବିରାଜଙ୍କ ମନରେ ଗୃହ ପ୍ରତି କୌଣସି ବିପଦ ଆଶଙ୍କା କରି ସେ ରାଜାଙ୍କୁ ବାରିପଟ ରାସ୍ତାରେ କୁଆଡ଼େ ବାଟ ଭୁଲାଇ ଆଣିଥିଲେ। ଏଥିପାଇଁ ରାଜା ସେତେବେଳେ ଏହି କବିରାଜଙ୍କୁ ଗାଲୁଆ ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ଏହି ଗାଁର ନାଁ ଗାଲୁଆ ଭାବେ ଲୋକଙ୍କ ମୁଖରେ ପ୍ରଚାର ହୋଇଥିଲା। ଗାଁର ନାମାନୁସାରେ ସ୍କୁଲର ନାମକରଣ ହୋଇଛି।

**ଓଡ଼ିଶାରେ ଏମିତି କେତେକ ଶିକ୍ଷାନୁଷ୍ଠାନ ରହିଛି, ଯାହାର ନାଁ ଶୁଣିବାକୁ ମଜାଳିଆ ଲାଗିଥାଏ। ହେଲେ ଏପରି ନାମକରଣ ପଛରେ ରହିଥାଏ କିଛି କଥା ଓ କାହାଣୀ। ସେମିତି କିଛି ଶିକ୍ଷାନୁଷ୍ଠାନ ସମ୍ପର୍କରେ ଏଥରର ପ୍ରଚ୍ଛଦ...**

**ମାଇଛେଳି:** ବିଭିନ୍ନ ଗୃହପାଳିତ ପଶୁମାନଙ୍କ ମଧ୍ୟରେ ମାଇଛେଳିର ନାଁ ରହିଛି। ଏହି ମାଇଛେଳି ନାଁଟି ଶୁଣିବାକୁ ମଜା ଲାଗୁଛି ନା ! ହଁ, ମାଇଛେଳି ନାଁରେ ଗୋଟିଏ ଗାଁ ରହିଛି। ନୟାଗଡ଼ ଜିଲା ସଦର ମହକୁମାଠାରୁ ୫୭ ନଂ. ଜାତୀୟ ରାଜପଥରେ ପ୍ରାୟ ୧୫ କିମି ଦୂରରେ ପଡ଼େ ନୂଆଗାଁ ବ୍ଲକ ଅଧୀନ ଏହି ଗାଁ। ଏଠାରେ ୧୯୫୪ ମସିହାରୁ ଗାଁ ନାମାନୁସାରେ ମାଇଛେଳି ପ୍ରାଥମିକ ବିଦ୍ୟାଳୟ ସ୍ଥାପିତ ହୋଇଛି। ୩୫ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୫ ଛାତ୍ରୀ, ୨୦ଜଣ ଛାତ୍ର। ୧ମରୁ ୫ମ ଶ୍ରେଣୀରେ ୩ଜଣ ଶିକ୍ଷକ ଶିକ୍ଷାଦାନ କରିଥାନ୍ତି। ପ୍ରଧାନ ଶିକ୍ଷକ ନାରାୟଣ ମୁଦୁଲି କୁହନ୍ତି, ସ୍କୁଲରେ ଶୌଚାଳୟ, ପାନୀୟଜଳ, ବିଦ୍ୟୁତ୍ ଅଛି। ନିକଟରେ ରହିଛି ମାଇଛେଳି ଜଙ୍ଗଲ। ତେବେ ଏହି ଗାଁର କିଛି ବ୍ୟକ୍ତି କୁହନ୍ତି, ଗାଁଟି ଜଙ୍ଗଲାଞ୍ଚଳରେ ରହିଛି। ବହୁଦିନ ପୂର୍ବେ ଅଧିକାଂଶ ସମୟ ଗାଁ ଭିତରକୁ ହିଂସ୍ର ଜୀବଜନ୍ତୁମାନେ ପ୍ରବେଶ କରୁଥିବାରୁ ଏଠାରଲୋକେ ଭୟଭୀତ ହୋଇପଡୁଥିଲେ। ଅନେକ ସମୟରେ ଏହି ଗାଁକୁ ବାଘ ପଶି ଆସି ଲୋକଙ୍କୁ ଖାଇଯାଉଥିଲା। ଗ୍ରାମଟି ପୁରୁଷଶୂନ୍ୟ ହୋଇଯାଉଥିଲା। ମାତ୍ର ମହିଳାମାନେ ସେମାନଙ୍କ ପିଲାଙ୍କ ସୁରକ୍ଷା ପାଇଁ ଭାଡ଼ିରେ ଲୁଚି ରହୁଥିଲେ। ପିଲାମାନଙ୍କୁ ବଞ୍ଚାଇ ରଖୁଥିବାରୁ ଗାଁର ନାଁ ମାଇଛେଳି ହୋଇଛି। କେହି ବି କୁହନ୍ତି ଏହି ଗାଁରେ ଏକ ବଡ଼ ପଥରକୁ ଜଣେ ମହିଳା ଉଠାଇ ପାରିଥିଲା, ଯାହାକୁ ପୁରୁଷମାନେ ଉଠାଇ ପାରୁନଥିଲେ। ସେଥିପାଇଁ ହାସ୍ୟରୋଳରେ ଗାଁର ନାଁ ଏପରି ହୋଇଛି। ଗାଁର ନାଁ ଅନୁସାରେ ସ୍କୁଲ ନାଁ ମାଇଛେଳି ରହିଛି।

**ମହିଷାସୁର:** କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ ମହିଷାସୁର ଗ୍ରାମ ପଞ୍ଚାୟତ। ଏହି ଗାଁରେ ୧୯୪୯ ମସିହାରେ ସ୍ଥାପିତ ହୋଇଛି ମହିଷାସୁର ପ୍ରାଥମିକ ବିଦ୍ୟାଳୟ। ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁପ୍ରଭା ମହାପାତ୍ର କୁହନ୍ତି, ଏଠାରେ ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୮୦ଜଣ ଛାତ୍ରୀଛାତ୍ରଙ୍କୁ →















୩ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷାଦାନ କରିଥାନ୍ତି। ଶୌଚାଳୟ, ପାନୀୟଜଳ, ବିଦ୍ୟୁତ୍ ବ୍ୟବସ୍ଥାର ସୁବିଧା ରହିଛି। ଶିକ୍ଷକ ସୁଶାନ୍ତ ସାହୁ କୁହନ୍ତି, ଏହି ସ୍କୁଲର କ୍ୟାମ୍ପସ୍ ଭିତରେ ଆଉ ଏକ ସ୍କୁଲ 'ମା' ପାଟକୁମାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ଗାଁର ନାମକରଣକୁ ନେଇ ଗ୍ରାମବାସୀ ସୁବାସ ଚନ୍ଦ୍ର ଜେନା କୁହନ୍ତି, ରାଜନଗରଠାରୁ ବହୁ ଦୂରରେ ରହିଥିବା ରତ୍ନଗିରି ପାହାଡ଼ ଗୁମ୍ଫାରେ ମହିଷାସୁର ରହି ନିକଟସ୍ଥ ଅରଣ୍ୟ ପରିଭ୍ରମଣ କରିବା ସମୟରେ ମା' ଦୁର୍ଗାଙ୍କ ଦ୍ୱାରା ଏହି ସ୍ଥାନରେ ମହିଷାସୁର ନିଧନ ହୋଇଥିଲା ବୋଲି ସ୍ଥାନୀୟ ଲୋକଙ୍କ ବିଶ୍ୱାସ ସେବେଠାରୁ ବଳବତ୍ତର ରହିଛି। ମା' ଦୁର୍ଗାଦେବୀଙ୍କୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଉଛି। ସେଥିପାଇଁ ଏହି ସ୍ଥାନର ନାମ ମହିଷାସୁର ରହିଛି। ଅନ୍ୟପକ୍ଷେ କନିକା ରାଜା ଭୁଜବଳ ଭଞ୍ଜଦେଓ ଏଠିକାର ଅନ୍ୟ ଜଣେ ରାଜା ମହିଷା ଦାସଙ୍କୁ ପରାଜିତ କରିଥିବାରୁ ସମୟକ୍ରମେ ମହିଷା ଓ ମହିଷାସୁରଙ୍କ ନାମରେ ପରିଚିତ ହୋଇଛି। ଏହି ଗାଁର ନାଁ ଶୁଣିଲେ ମନରେ ପ୍ରଶ୍ନ ଆସେ ସତରେ କ'ଣ ଏହି ଗାଁକୁ ମହିଷାସୁର ଆସିଥିଲେ।

**ପିଟାପିଟି:** କେନ୍ଦୁଝର ଜିଲା ସଦର ମହକୁମାଠାରୁ ପ୍ରାୟ ୪୫ କି.ମି.ଦୂର ନରଣପୁର-ବ୍ରାହ୍ମଣୀପାଳ ରାସ୍ତାରେ ହରିଚନ୍ଦନପୁର ପୂର୍ବରୁ ଏକ ଗ୍ରାମ ପଡେ, ଯାହାର ନାମ ପିଟାପିଟି। ଏହି ଗ୍ରାମରେ ୩୯୮ ପରିବାର ଥିବାବେଳେ ଲୋକସଂଖ୍ୟା ପାଖାପାଖି ୧୫୩୭ ହେବ। ଏହି ଗ୍ରାମର ନାମକରଣକୁ ନେଇ କେହିକେହି ଥଟ୍ଟାମଜା କରିଥାନ୍ତି, ମାତ୍ର ରାସ୍ତାରେ ଯାତାୟାତ କରୁଥିବା ଲୋକେ ନାମଫଳକ ପାଖରେ ସେଲ୍ଫି ନେଇଥାନ୍ତି। କାହିଁ କେଉଁ କାଳରୁ ଗାଁ ଲୋକଙ୍କ ଏକତା ହିଁ ଏହି ଗାଁକୁ ମହନୀୟତାର ପରିଚୟ ଦେଇଛି। ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ କହିବା ଅନୁଯାୟୀ, ଗ୍ରାମଟି ୨୫୦ ବର୍ଷ ପୂର୍ବେ ସ୍ଥାପିତ ହୋଇଛି। ଏହି ଅରଣ୍ୟ ମଧ୍ୟରେ ପ୍ରଥମେ ପିଟା କମାର ସମ୍ପ୍ରଦାୟର ପ୍ରାୟ ୬ରୁ ୮ ପରିବାର ଆସି ବସତି ସ୍ଥାପନ କରିଥିଲେ। କୌଣସି କାରଣରୁ ନିଜ ନିଜ ମଧ୍ୟରେ ବାଦବିବାଦ ଲାଗି ରହିବାରୁ ମାରପିଟ ହୋଇ ଗାଁ ଛାଡି ଚାଲିଯାଇଥିଲେ। ବୋଧହୁଏ ପିଟାକମାର ସମ୍ପ୍ରଦାୟର ନାମାନୁସାରେ ଏହି ଗାଁ ହୋଇଛି ପିଟାପିଟି। ପରେଶ ଚନ୍ଦ୍ର ସେଠୀ କୁହନ୍ତି- ବର୍ତ୍ତମାନ ମୁଣ୍ଡା, ନାଏକ, କିଷାନ, ମହାନ୍ତ, ପାତ୍ର, ନାହାକ, ବ୍ରାହ୍ମଣ, କମାର, ଚଷା, ଧୋବା, ବାରିକ ଆଦି ସଂପ୍ରଦାୟର ଲୋକେ ବସବାସ କରୁଛନ୍ତି। ଏହି ଗାଁରେ ୧୯୫୪ ମସିହାରେ ଏକ ବିଦ୍ୟାଳୟ ସ୍ଥାପିତ ହୋଇଛି, ଯାହାର ନାଁ ସରକାରୀ ପ୍ରାଥମିକ ବିଦ୍ୟାଳୟ ପିଟାପିଟି। ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଜେନା କୁହନ୍ତି, ୧ମରୁ ୫ମଯାଏ ପ୍ରାୟ ୫ ଶ୍ରେଣୀରେ ୬୩ ଛାତ୍ରୀଛାତ୍ରଙ୍କୁ ୪ଜଣ ଶିକ୍ଷକ ଶିକ୍ଷାଦାନ କରିଥାଆନ୍ତି। ଶୌଚାଳୟ, ପାନୀୟ ଜଳର ସମସ୍ୟା ରହିଛି। ପାଚେରି ଓ ବିଦ୍ୟୁତ୍ ବ୍ୟବସ୍ଥା ହୋଇପାରି ନାହିଁ। ଗ୍ରାମର ଚତୁଃପାର୍ଶ୍ୱ ପାହାଡ଼ ଓ ଜଙ୍ଗଲରେ ପରିପୂର୍ଣ୍ଣ। ଲୋକମାନେ ବଣଜଙ୍ଗଲ ତଥା ଚାଷ ଉପରେ ଜୀବିକା ନିର୍ବାହ କରିଥାନ୍ତି।

**ଅଳସୁଆ:** ରାଜଧାନୀ ଭୁବନେଶ୍ୱର ଉପକଣ୍ଠରେ ରହିଛି ଏକ ଗାଁ। ମାତ୍ର ଏଠାରେ ଏବେ ଲୋକଙ୍କ ବାସଗୃହ ନାହିଁ କି ବାସିନ୍ଦାଙ୍କ ଗାଁ ନାହିଁ। କିନ୍ତୁ ଏକ ବିଦ୍ୟାଳୟ ରହିଛି, ଯାହାର ନା ପ୍ରାଥମିକ ବିଦ୍ୟାଳୟ ଅଳସୁଆ। ଶିଖରଚଣ୍ଡୀରୁ ଦାରୁଠେଙ୍ଗ ରାସ୍ତାରେ ଚନ୍ଦକା ଆଡ଼କୁ ଆସିଲାବେଳେ ପ୍ରାୟ ନଜର ପଡ଼ିବ ଏହି ସ୍କୁଲ ଉପରେ । ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ଦାଶ କୁହନ୍ତି, ଦାରୁଠେଙ୍ଗ ଗ୍ରାମପଞ୍ଚାୟତ ଅଧୀନ ଅଳସୁଆ ଗାଁରେ ୧୯୮୬ମସିହାରେ ଏହି ସ୍କୁଲ ସ୍ଥାପିତ ହୋଇଛି । ୧ମରୁ ୫ମଶ୍ରେଣୀରେ ୨ଜଣ ଶିକ୍ଷୟିତ୍ରୀ ୫୩ଜଣ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିଥାନ୍ତି। ଏହି ସ୍କୁଲଟି ରାସ୍ତାକଡ଼ରେ ଥିଲେ ମଧ୍ୟ ବିଦ୍ୟାଳୟର ସୁରକ୍ଷା ନିମନ୍ତେ ଆବଶ୍ୟକ ପାଚେରିଟିଏ ନାହିଁ। ମାତ୍ର ଗାଁର ନାମ ଅନୁସାରେ ସ୍କୁଲର ନାମକରଣ ହୋଇଥିବା ସାଧାରଣରେ ଶୁଣିବାକୁ ମିଳେ ।

**ହଇରାଣପୁର:**କଟକ ଜିଲା ନରସିଂହପୁର ବ୍ଲକର କୋକଳବା ଗ୍ରା.ପ.ରେ ୨୦୦୪ମସିହାରେ ସ୍ଥାପିତ ହୋଇଛି ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟ ହଇରାଣପୁର। ପ୍ରଧାନଶିକ୍ଷକ ଅନୁପ କୁମାର ବିଶ୍ୱାଳ କୁହନ୍ତି, ୧ମରୁ ୫ମଶ୍ରେଣୀରେ ୨୫ଜଣ ଛାତ୍ରୀଛାତ୍ରଙ୍କୁ ଦୁଇଜଣ ଶିକ୍ଷକ ପଢାଉଛନ୍ତି। ରୋଷେଇ ଘରର ଅଭାବ ରହିଛି। ପାନୀୟଜଳର ସମସ୍ୟା ରହିଛି। ବିଦ୍ୟାଳୟ ପାଠ୍ୟଖସଡ଼ା ଅନୁଯାୟୀ ଶିକ୍ଷାଦାନ ହୋଇଥାଏ। ଏହି ଗାଁଟି ମହାନଦୀ କୂଳରେ ଏକ ଆମ୍ବ ତୋଟାରେ ରହିଥିବାବେଳେ ବର୍ଷାଦିନେ ଅନେକ ସମୟରେ ମହାନଦୀର ବନ୍ୟାଜଳ ଗାଁରେ ପଶିଯିବାରୁ ଏହି ଗାଁର ଲୋକମାନେ ବାରମ୍ବାର ହଇରାଣ ହେଉଥିବାରୁ ଗାଁର ନାଁ ଏପରି ହୋଇଛି। ତେବେ ଗାଁର ନାଁ ଅନୁସାରେ ସ୍କୁଲ ନାଁ ହଇରାଣପୁର ପ୍ରାଥମିକ ବିଦ୍ୟାଳୟ ରହିଛି।

**କାଦୁଆ:** ପୁରୀ ଜିଲା ସତ୍ୟବାଦୀ ବ୍ଲକର କାଦୁଆ ଗ୍ରାମପଞ୍ଚାୟତରେ ୧୯୩୧ମସିହା ସ୍ଥାପିତ ହୋଇଛି କାଦୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଭୁବନେଶ୍ୱର-ପୁରୀ ୩୧୬ନଂ ଜାତୀୟ ରାଜପଥକୁ ଲାଗି ରହିଛି ଏହି ସ୍କୁଲଟି । ଦେଶ ପରାଧୀନ ବେଳେ ଗୋପବନ୍ଧୁ ଦରିଦ୍ର ନାରାୟଣ ସେବା ସଂଘ ବା କାଦୁଆ ଆଶ୍ରମରେ ଏହି ବିଦ୍ୟାଳୟଟି ଆରମ୍ଭ କରାଯାଇଥିଲା। ବିଦ୍ୟାଳୟ ପାଇଁ କାଦୁଆ ଆଶ୍ରମ ଯୋଗାଇଦେଇଥିବା ଜମିରେ ସରକାରୀ ଅନୁଦାନ କ୍ରମେ ବିଦ୍ୟାଳୟର ଗୃହ ନିର୍ମାଣ କରାଯାଇ ଅଛି। ପ୍ରଧାନ ଶିକ୍ଷୟିତ୍ରୀ ଆଶାଲତା ଦେବୀ କୁହନ୍ତି, ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଏହି ବିଦ୍ୟାଳୟରେ ୧୯ଜଣ ବାଳକ ଓ ୧୪ଜଣ ବାଳିକା ପାଠ ପଢୁଛନ୍ତି। ଜଣେ ଶିକ୍ଷୟିତ୍ରୀ ଓ ଜଣେ ଶିକ୍ଷକଙ୍କୁ ନେଇ ଶିକ୍ଷାଦାନ କରାଯାଉଛି। ଦୁଇଟି ଶ୍ରେଣୀ କକ୍ଷ, କାର୍ଯ୍ୟାଳୟ ଓ ଗୋଦାମ ଗୃହକୁ ନେଇ ବିଦ୍ୟାଳୟର କଳେବର। ପ୍ରାଚୀର, ଶୌଚାଳୟ, ପିଇବାପାଣି, ଆବଶ୍ୟକ ଶ୍ରେଣୀ କକ୍ଷ, ଖେଳ ପଡିଆ ଅଭାବ ରହିଥିବା ବେଳେ ସୁରଭି କାର୍ଯ୍ୟକ୍ରମରେ ପିଲାମାନଙ୍କର ଅନ୍ତର୍ନିହିତ ଗୁଣର ବିକାଶ, ବିଜ୍ଞାନମେଳା, ବିଭିନ୍ନ ଜାତୀୟ ଓ ସଚେତନତା ଦିବସ ପାଳନ ସହିତ କାଦୁଆ ଆଶ୍ରମରେ ଅନୁଷ୍ଠିତ ସମସ୍ତ ପୂଜ୍ୟପୂଜା କାର୍ଯ୍ୟକ୍ରମରେ ପିଲାମାନେ ଅଂଶ ଗ୍ରହଣ କରିଥାନ୍ତି । ସହକାରୀ ଶିକ୍ଷକ ଦୀପ୍ତି ରଞ୍ଜନ ସାହୁ କୁହନ୍ତି। କାଦୁଆ ଗ୍ରାମର ନାମାନୁସାରେ ବିଦ୍ୟାଳୟର ନାମକରଣ କରାଯାଇଛି। କାଦୁଆ ଗ୍ରାମଟି ରତ୍ନଚିରା ନଦୀ କୂଳରେ ଅବସ୍ଥିତ । ପୂର୍ବେ ନଦୀପଥରେ ଲୋକେ ଗମନାଗମନ କରୁଥିଲେ। ରତ୍ନଚିରା ନଦୀର ଆର ପାର୍ଶ୍ୱରେ ଏହି ଗ୍ରାମକୁ ଲାଗିରହିଛି ଗଜପତି ମହାରାଜାଙ୍କ ପ୍ରତିଷ୍ଠିତ ଆଦ୍ୟ ଶାସନ ବୀରାମଚନ୍ଦ୍ରପୁର। ଜଗନ୍ନାଥ ସଡକକୁ ଶାସନ ଗ୍ରାମର ଲୋକେ ଆସିବା ବେଳେ ନଦୀ ପାର ହୋଇ ଏହି ଗ୍ରାମର ପଙ୍କକାଦୁଅ ରାସ୍ତାରେ ଯାତାୟାତ କରୁଥିବାରୁ କ୍ରମେ ଲୋକକଥା ଅନୁସାରେ ଗ୍ରାମଟିର ନାମ କାଦୁଅ ହୋଇଥିବା ଅନୁମାନ କରାଯାଏ, ତେବେ କଣ୍ଟାବାଡ଼, କଦଳିବାଡ଼ି, ମନଇଚ୍ଛାପୁର ସମେତ ଆହୁରି ଅନେକ ଗାଁର ନାଁରେ ସ୍କୁଲର ନାମ ଥିବା ଦେଖିବାକୁ ମିଳେ।

ଗାଁରୁ ସହରଯାଏ ସବୁଠି ରହିଛି ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ। ବିଦ୍ୟାଳୟକୁ ସାଧାରଣତଃ ଅନେକ କୁହନ୍ତି ମଣିଷ ତିଆରି କାରଖାନା। ତେବେ ବିଦ୍ୟାଳୟର ପରିଚୟକୁ ନେଇ ଛାତ୍ରୀଛାତ୍ରଙ୍କ ମନରେ ନିଆରା ପ୍ରଭାବ ପଡ଼ିଥାଏ।

**-ବନବିହାରୀ ବେହେରା**

**ତଥ୍ୟ ସହାୟତା-: ରଞ୍ଜନ ପ୍ରଧାନ, ଭାସ୍କର ରାଉତରାୟ, ପ୍ରମୋଦ ରାଉତ, କିଶୋର ମହାପାତ୍ର**







# ସମାଜ ସଚେତକ ସ୍ରଷ୍ଟା



ଆମର ସମାଜ ଏବେ ସୁଦ୍ଧା ଜଟିଳ ଗଣିତ ହୋଇ ରହିଛି। ଏଠି କିଛି ଲୋକ ଧନ ସମ୍ପତ୍ତିରେ ବୁଡ଼ି ରହିଥିବା ବେଳେ ଆଉ କିଛି ଲୋକ ମୁଠାଏ ଖାଇବା ପାଇଁ ଡହଳ ବିକଳ ହୋଇଥାନ୍ତି। ଠିକ୍ ଯେମିତି ମୁଲକ ରାଜ ଆନନ୍ଦଙ୍କ ଉପନ୍ୟାସ 'ଟୁ ଲିଭ୍ସ ଆଣ୍ଡ ଏ ବଡ୍'ର ନାୟକ ଗଙ୍ଗୁ। ଗଙ୍ଗୁ ଜଣେ ଗରିବ ଭୂମିହୀନ ଚାଷୀ। ସ୍ତ୍ରୀ ସଜନୀ, ଝିଅ ଲୈଲା ଓ ପୁଅ ବୁଧୁକୁ ନେଇ ସଂସାର। ଦିନକୁ ଦୁଇଓଳି ପିଲାଙ୍କୁ ଖାଇବାକୁ ଦେଇପାରେନା। ତେଣୁ ସେ ଦିନେ ନିଜର ପିଲାଛୁଆଙ୍କୁ ଧରି ଆସାମ ଚାଲିଯାଏ। ଉଦ୍ଦେଶ୍ୟ ଚା' ବଗିଚାରେ କାମ କରିବ। ପିଲାଙ୍କୁ ମଣିଷ କରିବ। ମାତ୍ର ଆସାମରେ ପହଞ୍ଚିବା ପରେ ଗଙ୍ଗୁର ସ୍ୱପ୍ନ ଭାଙ୍ଗିଯାଏ। ସେ ଜାଣେ ଯେ, ସେ ଫଶି ଯାଇଛି। ସେଠାରେ ଲୋକମାନଙ୍କୁ କ୍ରୀତଦାସ କରି ରଖାଯାଉଛି। ମାଲିକମାନେ ମଜଦୂରମାନଙ୍କୁ ପୋକ ମାଛିଠୁ ବି ହୀନ ମଣୁଛନ୍ତି। ମାତ୍ର ଆଉ କିଛି ଉପାୟ ନଥାଏ ଗଙ୍ଗୁର। ସେ ଆଉ ଫେରିପାରେନା। କର୍ମ ଆଦରି ରହେ। ମାତ୍ର ସେତିକିରେ ତା'ର ଦୁଃଖ ସରେନା। ସ୍ତ୍ରୀ ସଜନୀ ଓ ଝିଅ ଲୈଲାଙ୍କୁ ବଳାତ୍କାର କରାଯାଏ।

ଏମିତି ଏକ ରୁଗ୍ଣ ସମାଜର ଛବି ଦେଖିବାକୁ ମିଳେ ମୁଲକ ରାଜ ଆନନ୍ଦଙ୍କ ଉପନ୍ୟାସରେ। କେବଳ ଏହି ଗୋଟିଏ ଉପନ୍ୟାସ ନୁହେଁ; ସେ ତାଙ୍କ ପ୍ରତ୍ୟେକ ରଚନାରେ ସମାଜର ଅବ୍ୟବସ୍ଥାକୁ ଆଗକୁ ଆଣିଛନ୍ତି। ସେଥିଲାଗି ଯଥାର୍ଥରେ ତାଙ୍କୁ ଜଣେ ସମାଜ ସଚେତକ ସ୍ରଷ୍ଟା ବୋଲି କୁହାଯାଇଥାଏ।




**ଦାରିଦ୍ର୍ୟ ପୀଡ଼ିତ ସମାଜର ପ୍ରତିନିଧି :** ଏହି ସ୍ରଷ୍ଟା ହେଉଛନ୍ତି ଏକ ପୀଡ଼ିତ ସମାଜର ସାର୍ଥକ ପ୍ରତିନିଧି। ଦାରିଦ୍ର୍ୟରେ ଦଳିତ ସମାଜର ଦୁର୍ଦ୍ଦଶାକୁ ସେ ବେଶ୍ ମାର୍ମିକ ଭାବରେ ବର୍ଣ୍ଣନା କରିଛନ୍ତି। ତାଙ୍କ ରଚନାର ଆବେଦନ କେବଳ ଭାରତରେ ନୁହେଁ ସମଗ୍ର ବିଶ୍ୱକୁ ପ୍ରସାରିତ ହୋଇଛି। ସମ୍ପ୍ରତି ଭାରତୀୟ ଇଂରାଜୀ ସାହିତ୍ୟିକମାନଙ୍କୁ ଯେଉଁ ଅନ୍ତଃରାଷ୍ଟ୍ରିୟ ସମ୍ମାନ ଓ ମର୍ଯ୍ୟାଦା ପ୍ରାପ୍ତ ହେଉଛି ତା' ପଛରେ ରହିଛି ମୁଲ୍କ ରାଜ୍ ଆନନ୍ଦଙ୍କର ଏକ ଗରୁତ୍ୱପୂର୍ଣ୍ଣ ଅବଦାନ। ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ 'ପଦ୍ମ ଭୂଷଣ' ସମ୍ମାନ ପ୍ରଦାନ କରାଯାଇଛି।

**ଭାରତରୁ ଜେନିଭା :** ଏକ ପରାଧୀନ ରାଷ୍ଟ୍ରରେ ମୁଲ୍କ ଜନ୍ମ ହୋଇଥିଲେ। ୧୯୦୫, ଡିସେମ୍ବର ୧୨ ହେଉଛି ତାଙ୍କର ଜନ୍ମଦିନ। ଅମୃତସରର ଖାଲ୍ସା କଲେଜ୍‌ରେ ସେ ଶିକ୍ଷା ଲାଭ କରିଥିଲେ। ତା'ପରେ ଗଲେ ଇଂଲଣ୍ଡ। ଲଣ୍ଡନ୍‌ର ୟୁନିଭର୍ସିଟି କଲେଜରେ ସେ ଉଚ୍ଚଶିକ୍ଷା ହାସଲ କଲେ। କ୍ୟାମ୍ବ୍ରିଜ୍ ୟୁନିଭର୍ସିଟିରୁ ଡକ୍ଟର ଡିଗ୍ରୀ ହାସଲ କରି ତତ୍କାଳୀନ ଶିକ୍ଷିତ ସମାଜରେ ନିଜ ପାଇଁ ଏକ ସ୍ଥାନ ତିଆରି କରିଥିଲେ। ଜେନିଭାରେ ସେ ତାଙ୍କ ଜୀବନର ବହୁଳାଂଶ ବିତାଇଥିଲେ। ସେଠାକାର ଲିଗ୍ ଅଫ୍ ନେସନ୍ସ ସ୍କୁଲ୍ ଅଫ୍ ଇଣ୍ଟେଲେକ୍‌ଚୁଆଲ କୋଅପରେସନ୍‌ରେ ଅଧ୍ୟାପକ ଭାବରେ କାର୍ଯ୍ୟ କରି ନିଜର କର୍ମକୁଶଳତାର ପରିଚୟ ଦେଇଥିଲେ।

**ସମାଜ ସଂସ୍କାରକ :** ସମାଜକୁ ଘୃଣା କରୁ ନଥିଲେ ମୁଲ୍କ। ବରଂ ସମାଜରେ ପ୍ରଚଳିତ ନୀତି, ନିୟମକୁ ସେ ବିରୋଧ କରୁଥିଲେ। ସେ କହୁଥିଲେ ଯେ, ସମାଜ ହିଁ ମଣିଷକୁ ଭାଗଭାଗ କରି ବାଣ୍ଟିଦେଇଛି। ଉଚ୍ଚଜାତି ନିଚ୍ଚଜାତି ହେଉ କି ଧନୀ ଗରିବ – ସବୁ ଏଇ ସମାଜର କଳାକର୍ମ। ତେଣୁ ସମାଜକୁ ବଦଳେଇବା ଦରକାର। ବିଶେଷକରି, ଭାରତର ରଢ଼ୀବାଦୀ ସମାଜକୁ ସେ ଆଦୌ ବରଦାସ୍ତ କରିପାରୁ ନ ଥିଲେ। ଏହି ବିଦ୍ରୋହରୁ ଆରମ୍ଭ ହେଲା ତାଙ୍କର ସାହିତ୍ୟ ଯାତ୍ରା।

**ଅନ୍‌ଟଚେବଲ :** ସାମାଜିକ କୁସଂସ୍କାରର ଶିକାର ହୋଇ



> କେବଳ ଏହି ଗୋଟିଏ ଉପନ୍ୟାସ ନୁହେଁ; ସେ ତାଙ୍କ ପ୍ରତ୍ୟେକ ରଚନାରେ ସମାଜର ଅବ୍ୟବସ୍ଥାକୁ ଆଗକୁ ଆଣିଛନ୍ତି। ସେଥିଲାଗି ଯଥାର୍ଥରେ ତାଙ୍କୁ ଜଣେ ସମାଜ ସଚେତକ ସ୍ରଷ୍ଟା ବୋଲି କୁହାଯାଇଥାଏ।

ଯେତେବେଳେ ତାଙ୍କର ଜଣେ ଘନିଷ୍ଠ ଆତ୍ମୀୟ ସୁଇସାଇଡ୍ କଲେ ସେତେବେଳେ ସତେ ଯେମିତି ଆଖି ଖୋଲିଗଲା ଏହି ସ୍ରଷ୍ଟାଙ୍କର। ଭିନ୍ନ ସମ୍ପ୍ରଦାୟର ଜଣେ ବ୍ୟକ୍ତି ସହିତ ବନ୍ଧୁତ୍ୱ ସ୍ଥାପନ କରିଥିବା ତାଙ୍କର ଆତ୍ମୀୟଙ୍କୁ ସମାଜରେ ନିନ୍ଦିତ ହେବାକୁ ପଡିଲା। ଫଳରେ ସେ ନିଜ ଜୀବନ ହରେଇଦେଲେ। ଏହା ମୁଲ୍‌କଙ୍କ ଛାତିରେ ଗଭୀର ଆଘାତ ଦେଇଥିଲା। ସେ ସମାଜର ଛୁଆଁ ଅଛୁଆଁ ଭେଦଭାବକୁ ନେଇ ଲେଖିଥିଲେ ତାଙ୍କର ପ୍ରଥମ ଉପନ୍ୟାସ 'ଅନ୍‌ଟଚେବଲ'। ଏହି ଉପନ୍ୟାସ ହିଁ ତାଙ୍କୁ ଆଣିଦେଲା ଖ୍ୟାତି। କେବଳ ଭାରତରେ ନୁହେଁ; ସମଗ୍ର ବିଶ୍ୱରେ ସେ ଜଣେ ପ୍ରଖର ଅନୁଭୂତି ସମ୍ପନ୍ନ ଲେଖକ ଭାବରେ ମର୍ଯ୍ୟାଦା ହାସଲ କଲେ।

ବ୍ରିଟିଶ୍ ଅଭିନେତ୍ରୀ କ୍ୟାଥଲିନ୍ ଗେଲଡରଙ୍କ ସହିତ ପ୍ରେମ ସମ୍ପର୍କରେ ସମ୍ବନ୍ଧିତ ଥିଲେ ଏହି ସ୍ରଷ୍ଟା। ପ୍ରେମ ବିବାହକୁ ରୂପ ନେଇଥିଲା। ୧୯୩୯ରେ ସେମାନେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ସୁଶୀଲା ନାମ୍ନୀ ଗୋଟିଏ ଝିଅ ତାଙ୍କ ନିକଟରୁ ଜନ୍ମ ନେଇଥିଲା। ତେବେ ଏହି ବିବାହ କିଛି ଦିନ ପରେ ବିଚ୍ଛେଦର ରୂପ ନେଇଥିଲା। ୧୯୪୮ରେ ସେମାନେ ପରସ୍ପରକୁ ଛାଡ଼ପତ୍ର ଦେଇଥିଲେ। ୨୦୦୪ ମସିହା ସେପ୍ଟେମ୍ବର ୨୮ ତାରିଖରେ ଏହି ସ୍ରଷ୍ଟା ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।



## ରାତ୍ରି

– ମୀନାକ୍ଷୀ ଦାଶ

ରାତ୍ରିର କରାଳ ଅନ୍ଧକାର ,
ସ୍ତବ୍ଧ ଶୂନଶାନ ରାସ୍ତାରେ
ଶୀତଳ ସ୍ନିଗ୍ଧ ଆତ୍ମାର ବୁକୁଫଟା ଚିତ୍କାର .

କ୍ଷୀଣ ବିନ ରକ୍ତର ଲାଲ ଲାଲ ବୁନ୍ଦା
ନିବସ୍ତ୍ର ଶରୀରକୁ  କରେ ଆଲିଙ୍ଗନ
ଆଖିର ଲୁହରେ ସୁପ୍ତ ଅନ୍ତର୍ନିହିତ କଷ୍ଟର ବେଦନା ..

ହାରିବା ପୂର୍ବରୁ ମରିବାର ଆତ୍ମଗ୍ଲାନି,
ଧିକାର ନିଜ ଯୌବନର କଳଙ୍କିତ ଅର୍ଦ୍ଧଦଗ୍ଧ
ମାଂସରେ ତିଆରି ଛବି ...

ଷ୍ଟ୍ରିଟ୍ ଲାଇଟର ଝାପ୍‌ସା ଆଲୁଅରେ ନିଜର
ବସ୍ତ୍ରକୁ ଖୋଜି ଖୋଜି ପାଇବା ପରେ ରାତ୍ରିର
ଅନ୍ଧକାରକୁ ଭେଦି ଆଲୋକର
ସନ୍ଧାନରେ ଧୀର ପାଦ ଆଗକୁ ବଢ଼େ ..

କିଛି ଆଲୁଅକୁ ପାଇଗଲା ପରେ
ଆଶାର ସଞ୍ଚାର ମନରେ ଭରି
ଚାଲୁଥିବା ବାଟ ଅଟକିଯାଏ ଯେବେ
ସମାଜର ରୁକ୍ଷ ପରିହାସରୁ ଓହରି
ଏକାନ୍ତରେ ନିଜ ଆତ୍ମାର ଚିତ୍କାର ଶୁଣେ . .

*– ଟିସ୍କୋ ,ଛେଣ୍ଡ କଲୋନୀ,*
*ରାଉରକେଲା*

## ଶୃଙ୍ଗାର

–କୃଷ୍ଣା ମିଶ୍ର

ଆଜି କାହିଁ ମନେ ହୁଏ
ଯେମିତି ଜ୍ୟୋତ୍ସ୍ନାରେ ଗାଧୋଇଛି ମୁଁ,
ଆଉ–
ଶରୀରେ ମୋ ଚନ୍ଦନ ବନର ବାସ୍ନା.........
ଅନେକ ଶିଉଳି ଫୁଲ
ଝରି ପଡିଛି ମୋ ଗଭାରେ
ଆଉ–
କିଛି ତାରା ଫୁଲ ଆକାଶରୁ
ଖସି ପଡିଛି ମୋ ପଣତରେ .......
ମୋ କପାଳରେ ଶିଶିର
ବିନ୍ଦୁ  ଆଉ–
ନୀଳ ମେଘର ଓଢଣି ଢାଙ୍କି ଦେଇଛି
ମୋ ମଥାକୁ
ହେଲେ ...........
ମନ ତ ରହି ଯାଇଛି ତୁମଠି,
ଭିଜୁଛି ତୁମ ଭଲ ପାଇବାର ବର୍ଷାରେ......

*–ଅଧ୍ୟାପିକା, ଓ.ପି. ଜିନ୍ଦଲ ବିଦ୍ୟାଳୟ*
*ରାୟଗଡ, ଛତିଶଗଡ*

# ରାଜା ଆସୁଛନ୍ତି

–ଇଂ.ନୀହାର ରଞ୍ଜନ ପ୍ରିୟଦର୍ଶୀ ତ୍ରିପାଠୀ

ସେଦିନ ସକାଳୁ ଉଠି ଘର ବାହାରେ ପାଦ ଦେଉ ଦେଉ ଅହେତୁକ ଭୟରେ ଥରି ଉଠିଲା ମୋ ଦେହ। ସଙ୍ଗେ ସଙ୍ଗେ ନାଡି ଛୁଇଁ ଦେଖିଲି। ନାଁ, ହୃଦୟ ତ ଏଯାଏଁ ହେଉଛି ସ୍ପନ୍ଦିତ। ତା'ହେଲେ ମୁଁ ସ୍ୱର୍ଗପୁରୀରେ ନାହିଁ। କିନ୍ତୁ ଆଜି ହଠାତ୍ ରାଜ୍ୟର ଏ କି ରୂପ ? କୋଇଲି ଗାଉଛି। ସୂର୍ଯ୍ୟ ବି ମେଘର ଚାଦରରେ ମୁହଁ ଲୁଚାଇ ଶୋଇ ଯାଇଛନ୍ତି। ରାସ୍ତାକଡରେ ମାଛି ଭଣ ଭଣ ହେଉଥିବା ନାଳ ନର୍ଦ୍ଦମା ସବୁ ଆଜି ସଫାସୁତୁରା। ମହକୁଛି ଚନ୍ଦନ ପରି। କାଲିଯାଏ ଖାଲ ଖମାରେ ପରିପୂର୍ଣ୍ଣ ଥିବା ରାସ୍ତା ସ୍ଥାନରେ ଆଜି କଳା ମଚମଚ ପିଚୁ ରାସ୍ତା। ରାସ୍ତା କଡରେ ପାନ ଛେପରେ ରକ୍ତ ରଞ୍ଜିତ ଘରକାନ୍ଥ ଗୁଡିକ ଆଜି ଚୂନ ମାଖି ଦିଶୁଛନ୍ତି ଧୋବ ଫରଫର। ଏଣେ ତେଣେ ରଖୁଥିବା ଗାଡି ଘୋଡା ବି ଆଜି ପୂରା ସଜଡା ହୋଇ ରଖାଯାଇଛି। ପ୍ରତି ଦଶହାତରେ ପହରା ଦେଉଛନ୍ତି ସୈନିକ। ଧୂଳିମଖା ଧୂସରରଙ୍ଗି ଗଛଗୁଡିକ ବି ଆଜି ଦେଖା ଯାଉଛନ୍ତି ସବୁଜ।


ତା'ହେଲେ କଥା କ'ଣ ? ହଠାତ୍ ଆଜି କେମିତି ପାଲଟି ଯାଇଛି ସ୍ୱର୍ଗପୁର ? ପାଖ ଦୋକାନୀକୁ ପଚାରିବାରୁ ଜଣାପଡିଲା, ରାଜା ଆସୁଛନ୍ତି ଆଜି ରାଜ୍ୟ ପରିଭ୍ରମଣରେ। ସେଥିପାଇଁ ଏତେସବୁ ଆୟୋଜନ।

ରାଜାଙ୍କ ରଥ ଆସିଲା ସୁନ୍ଦର ପିଚୁ ରାସ୍ତା ଉପରେ। ହସ ହସ ମୁହଁରେ ହାତଯୋଡି ଜଣାଇଲେ ରାଜ୍ୟବାସୀ। ନିଜ ରାଜ୍ୟର ଉନ୍ନତି ଦେଖି ଗର୍ବ ଅନୁଭବ କରୁଥିଲେ ରାଜା। ବିଚରା ରାଜାଙ୍କୁ ଦୋଷ ଦେଇ ବା ଲାଭ କ'ଣ ? ସିଏ ଯେତେବେଳେ ବି ରାଜ୍ୟକୁ ଆସନ୍ତି, ରାଜ୍ୟ ଲାଗେ ସଫାସୁତୁରା, ହସିଲା ପୂରିଲା, ଉନ୍ନତିର ଶିଖରରେ। ରାଜ୍ୟ ପରିଭ୍ରମଣ ସାରି ବଡ ଆତ୍ମସନ୍ତୋଷରେ ରାଜବାଟୀକୁ ଫେରିଗଲେ ରାଜା। ରାଜାଙ୍କ ପ୍ରତ୍ୟାବର୍ତ୍ତନର କିଛି ମୁହୂର୍ତ୍ତ ପରେ ପରେ ବଦଳିବାକୁ ଲାଗିଥିଲା ରାଜ୍ୟର ଭୂଗୋଳ। ଧୀରେ ଧୀରେ ପୁଣି ଫେରି ଆସିବାକୁ ଲାଗିଥିଲା ଅସଲ ଚେହେରା ଆମ ରାଜ୍ୟର। ସୈନିକମାନେ ମାତିଗଲେ ପଶା ଖେଳରେ। ମଶା ମାଛି ଫେରି ଆସିଲେ ନର୍ଦ୍ଦମାକୁ, ଆସର ଜମେଇବା ପାଇଁ। ଚୂନମଖା କାନ୍ଥ ସବୁ ପୁଣି ଲାଲ୍ ହେବାରେ ଲାଗିଥିଲା, ପାନପିକର ରକ୍ତିମ ସ୍ପର୍ଶରେ।

*–ପ୍ଲଟ ନ.– ୩୫୪, ରୁମଡ଼ ନ.– ୨୦, ଶହୀଦ ନଗର,*
*ଭୁବନେଶ୍ୱର– ୭୫୧୦୦୭*



# ଅକ୍ଷୟଙ୍କ ନୂଆ ଅବତାର



ଖିଲାଡି ମାଷ୍ଟର ଅକ୍ଷୟ କୁମାର। ଆକ୍ସନ ଫିଲ୍ମରୁ କ୍ୟାରିୟର ଆରମ୍ଭ କରିଥିବା ଏହି ଆଗଧାଡ଼ିର ଅଭିନେତା ଏବେ ନିଜକୁ ଜଣେ ଅଲ୍‌ରାଉଣ୍ଡର ଭାବେ ସାବ୍ୟସ୍ତ କରିସାରିଛନ୍ତି। ଏପରି ଅନେକ ଫିଲ୍ମରେ ସେ କମେଡି ଭୂମିକାରେ ଦର୍ଶକଙ୍କୁ ହସେଇ ହସେଇ ବେଦମ୍ କରିଛନ୍ତି। ଖୁବ୍‌ଶୀଘ୍ର ଅକ୍ଷୟ ଏକ ନୂଆ ଅବତାରରେ ଦର୍ଶକଙ୍କୁ ଦେଖାଦେବେ। ତାହା ହେଲା କିନ୍ନର ଭୂମିକା। ନିଜ ଆକ୍ଟିଂ କ୍ୟାରିୟରରେ ସେ ପ୍ରଥମ ଥର ପାଇଁ ଏପରି ଭୂମିକାରେ ଅଭିନୟ କରୁଛନ୍ତି। ଫିଲ୍ମଟି ହେଲା 'ଲକ୍ଷ୍ମୀ ବମ୍'। ଏଥିରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି କିଆରା ଆଡ୍‌ୱାନୀ। ଫିଲ୍ମଟି ଆସନ୍ତା ବର୍ଷ ଜୁନ୍ ୫ରେ ମୁକ୍ତିଲାଭ କରିପାରେ। ଅପରପକ୍ଷରେ ଅକ୍ଷୟଙ୍କ ଅଭିନୀତ 'ମଙ୍ଗଲ ମିଶନ' ଚଳିତ ବର୍ଷ ଅଗଷ୍ଟ ୧୫ରେ ରିଲିଜ୍ ହେବାକୁ ଯାଉଛି।

# ଟାଇଗରଙ୍କ ଫରେନ୍ ଟ୍ରିପ୍



ଟାଇଗର ଶ୍ରଫଙ୍କ ଖୁସି କହିଲେ ନ ସରେ। କାରଣ ସେ ଏକ ୧୦ ଦିନିଆ ଫରେନ୍ ଟ୍ରିପ୍‌ରେ ଯାଉଛନ୍ତି। ହେଲେ ଏଥିରେ ଏତେ ଖୁସିହେବାର କାରଣ କ'ଣ? କଥା କ'ଣ କି, ଯେଉଁ କାମକୁ ସେ କେମିତି କରିବେ ବାଟ ପାଉ ନ ଥିଲେ ତାହାର ସହଜ ଉପାୟ ବତାଇ ଦେଇଛନ୍ତି ନିର୍ଦ୍ଦେଶକ ଅହମ୍ମଦ ଖାଁ। ଅହମ୍ମଦଙ୍କ ଆଗାମୀ ଫିଲ୍ମରେ ଟାଇଗର ଏକ ଆକ୍ସନ ଭୂମିକାରେ ଅଭିନୟ କରିବେ। ତେବେ ଏଥିପାଇଁ ତାଙ୍କର ଫିଜିକାଲ ଫିଟ୍‌ନେସ୍‌କୁ ଆହୁରି ଦୃଢ଼ କରିବାକୁ ପଡ଼ିବ। ତେଣୁ ଏ ନେଇ ଜଣେ ନାମୀ ଫିଜିକାଲ ଟ୍ରେନର ସନ୍ଧାନରେ ସେ ଥିଲେ। ହେଲେ ଠିକ୍ ସେତିକିବେଳେ ଅହମ୍ମଦ ଇସ୍ରାଏଲ୍‌ର କ୍ରାଭ ମାଗା(ଏକ ଯୁଦ୍ଧ କଳା) ସ୍ପେଶାଲିଷ୍ଟ ଟ୍ରେନରଙ୍କ ନିକଟକୁ ଯିବାକୁ କହିଥିଲେ। ବାସ୍, ତାଙ୍କ ସହ ଯୋଗାଯୋଗ କରାଯାଇଥିଲା ଏବଂ ଚଳିତ ମାସ ଶେଷ ସପ୍ତାହରେ ଟାଇଗର ଇସ୍ରାଏଲ ଯିବେ। ଟାଇଗର ଅଭିନୟ କରିବାକୁ ଯାଉଥିବା ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ।

# ଟେନ୍ସନରେ ସାରା



କ'ଣ କରିବେ ସାରା–ଏଣୁ ମାରିଲେ ଗୋ ହତ୍ୟା ତେଣୁ ମାରିଲେ ବ୍ରହ୍ମ ହତ୍ୟା। କଥା କ'ଣ କି, 'କେଦାରନାଥ'ରୁ ନିଜ ଆକ୍ଟିଂ କ୍ୟାରିୟର ଆରମ୍ଭ କରିଥିବା ସାରା ଏବେ ଦୋ'ଛକିରେ ପଡିଛନ୍ତି। କ'ଣ ପାଇଁ ଜାଣନ୍ତି? ନିକଟରେ ତାଙ୍କୁ ଏକାଥରେ ଦୁଇଟି ଫିଲ୍ମରେ ଅଭିନୟ କରିବାକୁ ଅଫର ମିଳିଛି। ପୁଣି ଦୁଇଟି ସିନେମାର ଶୁଟିଂ ଏକାଥରେ ଆରମ୍ଭ ହେବ। ଯେତେବେଳେ ସେ ଏ କଥା ଜାଣିଲେ ତାଙ୍କର ଟେନ୍‌ସନ ବଢ଼ିଯାଇଛି। ଯଦିଓ ଗୋଟିଏ ଫିଲ୍ମ ପାଇଁ ହଁ ଭରିସାରିଛନ୍ତି ହେଲେ ଦ୍ୱିତୀୟ ଫିଲ୍ମଟିକୁ ଝୁଲାଇ ରଖିଛନ୍ତି। ଶୁଣିବାକୁ ମିଳୁଛି ଯେ, ଦ୍ୱିତୀୟ ଫିଲ୍ମର ଶୁଟିଂ ସିଡ୍ୟୁଲ ବଦଳାଇବାକୁ ସେ ପ୍ରଯୋଜକଙ୍କୁ କହିଛନ୍ତି। ଏ ବିଷୟରେ ସାରା କୁହନ୍ତି, 'ଶୁଟିଂ ଡେଟ୍‌କୁ ନେଇ ମୁଁ ଅଡୁଆରେ ପଡ଼ିଛି ସତ, ହେଲେ ଦ୍ୱିତୀୟ ଫିଲ୍ମର ଶୁଟିଂ ଟିକେ ଲେଟ୍‌ରେ ଆରମ୍ଭ କରିବାକୁ ମୁଁ ପ୍ରଯୋଜକଙ୍କୁ କହିଛି। କାହାଣୀ ଦୃଷ୍ଟିରୁ ଦେଖିବାକୁ ଗଲେ ଫିଲ୍ମଦ୍ୱୟ କେହି କାହାକୁ କମ୍ ନୁହେଁ। ହେଲେ ଡେଟ୍ ଆଡ୍‌ଜଷ୍ଟ କରି ମୋତେ ଶୁଟିଂ କରିବାକୁ ପଡିବ। ସେମାନଙ୍କଠାରୁ ମୁଁ ଦୁଇ ସପ୍ତାହ ସମୟ ନେଇଛି। ଆଶା ରଖିଛି ଏହା ଭିତରେ ମୋ ଟେନ୍‌ସନ ଶେଷ ହୋଇଯିବ।'

# ଏ ମନ ଖୋଜୁଥାଏ ଯାହା



ବିଶ୍ୱରୂପ-ଅମ୍ରିତା

ବେଳେବେଳେ ମନ ଯାହା ଖୋଜୁଥାଏ ତାହା ହାତପାଆନ୍ତାରେ ମିଳିଯାଏ। ଦେଖୁନାହାନ୍ତି, ନିଜର ମନଲାଖି ଭୂମିକାଟିଏ ପାଇବା ପରେ ନବାଗତ ବିଶ୍ୱରୂପ କେମିତି ଖୁସିରେ ଉଚ୍ଛୁଳୁଛନ୍ତି। କଥା କ'ଣ କି, ରିଲିଜ୍ ଅପେକ୍ଷାରେ ଥିବା ଓଡ଼ିଆ ସିନେମା 'ବିଶ୍ୱରୂପ–ବର୍ନ ଟୁ ଫାଇଟ୍'ରେ ସେ ନିଜର ଓଲିଉଡ୍ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ପୁଣି ଏହି ରୋଲ୍‌କୁ ନେଇ ବେଶ୍ ଆଶା ବାନ୍ଧିଛନ୍ତି ସେ। କେବଳ ସେତିକି ନୁହେଁ, ଏହି ଭୂମିକାଟି ତାଙ୍କ ଡ୍ରିମ୍ ରୋଲ୍ ବୋଲି କହନ୍ତି ବିଶ୍ୱରୂପ। ପୁଣି ଆଉ ଏକ ସଂଯୋଗ ଏହି ନବାଗତ ନାୟକଙ୍କ ନାମ ଯାହା, ଚଳଚ୍ଚିତ୍ରଟିର ଟାଇଟଲ ମଧ୍ୟ ସେଇଆ। ଏହି ଫିଲ୍ମର କାହାଣୀ ଅନୁସାରେ, ଜଣେ ଫାଇଟର କିପରି ବିଭିନ୍ନ ପ୍ରକାର ଝଡ଼ଝଞ୍ଜାକୁ ସାମ୍ନା କରି ନିଜ ଲକ୍ଷ୍ୟପଥରେ ଅଗ୍ରସର ହେଉଛି ତାହା ସିନେମାରେ ଦେଖିବାକୁ ମିଳିବ। ଏ.ବି. କ୍ରିଏଶନ୍ସ ବ୍ୟାନରରେ ଏହି ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି ବିଶ୍ୱଜିତ୍ ମିଶ୍ର। ଅନ୍ୟପକ୍ଷରେ ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳିଛନ୍ତି 'ପ୍ରେମ ନିଶା ନିଆରା ନିଆରା', 'ତୋ ପ୍ରେମରେ ପଡ଼ିଲା ପରେ' ଏବଂ 'ଚାଲ୍ ଟିକେ ପ୍ରେମ କରିବା'ର ନିର୍ଦ୍ଦେଶକ ସରୋଜ କାନ୍ତ। ମନୋରଞ୍ଜନ ଦାସ ସଂଳାପ ରଚନା କରିଥିବା ବେଳେ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବିଭୂତି ଭୂଷଣ ଗଡ଼ନାୟକ। ଏହି ଫିଲ୍ମରେ ବିଶ୍ୱରୂପଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ନବାଗତା ଅମ୍ରିତା। ଅନ୍ୟପକ୍ଷରେ ବିଭିନ୍ନ ଭୂମିକାରେ ମନୋଜ ମିଶ୍ର, ଅମ୍ରିତ୍, ଶିବ୍, ରକ୍ ପାତ୍ର, ଶ୍ୱେତା ଆଚାର୍ଯ୍ୟ, ଜୟା ସ୍ୱାମୀ, ଦେବୀ ବାରିକ, କାଳୀ ଏବଂ ଶିଶୁ କଳାକାର ଓମ୍ ଅଭିନୟ କରିଛନ୍ତି। ଫିଲ୍ମଟି ଖୁବ୍‌ଶୀଘ୍ର ରିଲିଜ୍ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ଡିସେମ୍ବରକୁ ଅପେକ୍ଷା

ସୋନାକ୍ଷୀଙ୍କ ଖୁସି କହିଲେ ନ ସରେ। କାରଣ ଯାହାକୁ ନେଇ ସେ ଅପେକ୍ଷା କରିଥିଲେ ତାହା ଶେଷରେ ଫାଇନାଲ ହୋଇଛି। ଅରବାଜ୍ ଖାଁଙ୍କ ପ୍ରଯୋଜିତ 'ଦବଙ୍ଗ–୩' କେବେ ପରଦା ଉପରକୁ ଆସିବ ତାହା ଜାଣିବାକୁ ବେଶ୍ ଉତ୍ସୁକତାର ସହ ଚାହିଁବସିଥିଲେ ଏହି ଅଭିନେତ୍ରୀ। ଶେଷରେ ପ୍ରତୀକ୍ଷାର ଅନ୍ତ ହୋଇଛି। ସଲ୍‌ମାନ–ସୋନାକ୍ଷୀ ଅଭିନୀତ 'ଦବଙ୍ଗ–୩' ଚଳିତ ବର୍ଷ ଡିସେମ୍ବର ୨୦ରେ ରିଲିଜ୍ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। 'ଦବଙ୍ଗ' ଫିଲ୍ମର ଏହି ସିକୁଏଲ ନମ୍ବର ୩ରେ ସଲମାନ ମଧ୍ୟ ପୁଣିଥରେ ଖାକି ପୋଷାକରେ ଦେଖାଦେବେ। ନିକଟରେ ସଲମାନଙ୍କ ଅଭିନୀତ 'ଭାରତ' ଆଶାନୁରୂପ ବିଜ୍‌ନେସ କରି ନ ଥିଲା। ତେଣୁ ହୋମ୍ ବ୍ୟାନରରେ ନିର୍ମିତ 'ଦବଙ୍ଗ–୩' ତାଙ୍କ କ୍ୟାରିୟରକୁ କି ମୋଡ଼ ଦେଉଛି ତାହା ଦେଖିବାକୁ ବାକି ରହିଲା।



ସୋନାକ୍ଷୀ

# ଗେଟ୍‌ଅପ୍ ପାଇଁ...



କରୀନା-ଆମୀର

ବଲିଉଡ୍‌ର ଆମୀର ଖାଁ କେତେ ଚୁଜି, ତାହା କହିବା ବାହୁଲ୍ୟ। ଫିଲ୍ମଟିଏ ସାଇନ୍ କରିବା ପୂର୍ବରୁ ସେ ତା' ବିଷୟରେ ପୁଙ୍ଖାନୁପୁଙ୍ଖ ଜାଣିଥାଆନ୍ତି। ପୁଣି ଫିଲ୍ମଟି କିପରି ସବୁ ଦୃଷ୍ଟିରୁ ସୁନ୍ଦର ହେବ ସେନେଇ ଟିପ୍ସ ମଧ୍ୟ ଦିଅନ୍ତି। ଖାସ୍ ସେଥିପାଇଁ ସେ ବର୍ଷକୁ ହାତଗଣତି ଫିଲ୍ମରେ ଅଭିନୟ କରନ୍ତି ଏବଂ ସେଗୁଡ଼ିକ ସୁପରହିଟ୍ ହୋଇଥାଏ। ନିକଟରେ ସେ 'ଲାଲ୍ ସିଂ ଚଡ଼୍ଢା' ଶୀର୍ଷକ ଏକ ନୂଆ ହିନ୍ଦୀ ସିନେମାରେ ଅଭିନୟ କରିବାକୁ ଯାଉଛନ୍ତି। ଏହାକୁ ନେଇ ଏବେଠାରୁ ଚର୍ଚ୍ଚା ଆରମ୍ଭ ହୋଇଗଲାଣି। କାରଣ ଏଥିରେ ଆମୀର ୪–୫ଟି ଗେଟ୍‌ଅପ୍‌ରେ ଦେଖାଦେବେ। କେବଳ ସେତିକି ନୁହେଁ, ଏହି ଫିଲ୍ମର ଫିମେଲ୍ ଲିଡ୍‌ରେ ଅଭିୟନ କରୁଛନ୍ତି କରୀନା କପୁର। ସେ ମଧ୍ୟ ୪–୫ଟି ଗେଟ୍‌ଅପ୍‌ରେ ଦର୍ଶକଙ୍କ ସମ୍ମୁଖକୁ ଆସିବେ। ଏହି ଗେଟ୍‌ଅପ୍‌ଗୁଡ଼ିକ କିପରି ଆକର୍ଷଣୀୟ ହେବ ସେଥିପାଇଁ କେବଳ ଆମୀର ନୁହନ୍ତି, ଏହାର ନିର୍ଦ୍ଦେଶକ ଅଦ୍ୱୈତ ଚନ୍ଦନ ପୂରାଦମ୍‌ରେ ଲାଗିଛନ୍ତି। ଭିନ୍ନ ଭିନ୍ନ ଗେଟ୍‌ଅପ୍‌ରେ ଆସିବା ଆମୀରଙ୍କ ପାଇଁ ନୂଆ ନୁହେଁ। ଏହା ପୂର୍ବରୁ ସେ 'ଦଙ୍ଗଲ୍'ରେ ବୟସ୍କ ବ୍ୟକ୍ତି, 'ପିକେ'ରେ ଏଲିୟନ, 'ଗଜନୀ'ରେ ଟାଟୁ ଏବଂ ସିକ୍ସ ପ୍ୟାକ୍ ବଡି ପାଇଁ ଚର୍ଚ୍ଚିତ ଥିଲେ। ହଲିଉଡ୍ ମୁଭି 'ଫରେଷ୍ଟ ଗମ୍ପ'କୁ ଆଧାର କରି ନିର୍ମିତ ହେଉଛି ଲାଲ୍ ସିଂ ଚଡ଼୍ଢା'। ସତୁରି ଦଶକରୁ ଏପର୍ଯ୍ୟନ୍ତ ଭିନ୍ନ ଭିନ୍ନ ଗେଟ୍‌ଅପ୍‌ରେ ଉଭୟ ଆମୀର ଏବଂ କରୀନା ଦେଖାଦେଉଛନ୍ତି। ଫିଲ୍ମଟିର ଶୁଟିଂ ଚଳିତ ବର୍ଷ ଅକ୍ଟୋବରରୁ ଆରମ୍ଭ ହେବ ଏବଂ ଆସନ୍ତା ବର୍ଷ ଖ୍ରୀଷ୍ଟମାସରେ ପରଦା ଉପରକୁ ଆସିବ।

# ସ୍କଲାରଶିପ୍ ଟଙ୍କାରେ ବସ୍ତେ ଚାଉଳ କିଣିଥିଲି

ପ୍ରଥମ ରୋଜଗାର



**ପରଜଙ୍ଗ ତହସିଲ୍‌ଦାର ଜୟନ୍ତ ଜୟସିଂହ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଚିଲିକା ବ୍ଲକ ଅନ୍ତର୍ଗତ ସୋରଣ ଗାଁରେ ମୋର ଜନ୍ମ। ବାପା ଥିଲେ ଜଣେ ଗରିବ ଚାଷୀ। ଆମେ ୬ ଭାଇଭଉଣୀ(୪ଭାଇ ଓ ୨ ଭଉଣୀ)ମଧ୍ୟରୁ ମୁଁ ଥିଲି ସବା ସାନ। ପରିବାରର ଚଳଣି ବି ସେତେ ଭଲ ନ ଥିଲା। ହେଲେ ମୋର ପାଠ ବଢ଼ିଆ ହେଉଥିଲା। ସ୍କଲାରଶିପ୍ ବି ମିଳୁଥିଲା। ୭ମ ପାସ୍ ପରେ ମୋତେ ପ୍ରଥମ କରି ୯୯୯ ଟଙ୍କା ସ୍କଲାରଶିପ୍ ମିଳିଥାଏ। ସେଥିରୁ ୪୫୦ ଟଙ୍କା ଦେଇ ଘର ପାଇଁ ଗୋଟେ ବସ୍ତା ଚାଉଳ କିଣିକି ଆଣିଥିଲି। ଘରେ ସମସ୍ତେ ସେଦିନ ବହୁତ ଖୁସି ହୋଇଯାଇଥିଲେ। ଏହିପରି ଭାବେ ଭଗବତୀ ବିଦ୍ୟାପୀଠରୁ ୧୯୯୫ ମସିହାରେ ମାଟ୍ରିକ୍ ପାସ୍ କରି ନାରୁଣୀ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ବିଜ୍ଞାନ ପଢିଥିଲି। ପଢାଖର୍ଚ୍ଚ ଉଠାଇବା ପାଇଁ ସେହି ସମୟରେ ଗୋଟେ ନବମ ଶ୍ରେଣୀ ପିଲାକୁ ଟ୍ୟୁଶନ ମଧ୍ୟ କଲି। ଯୁକ୍ତ ଦୁଇ ପରେ ଗୋଦାବରୀଶ ମହାବିଦ୍ୟାଳୟରେ ଗଣିତ ସମ୍ମାନରେ ଯୁକ୍ତ ତିନି ବିଜ୍ଞାନ ପଢିଲି। ତା'ପରେ ଖଲ୍ଲିକୋଟ ଅଟୋନୋମସ୍ କଲେଜରେ ଗଣିତରେ ପି.ଜି. କଲି। ୨୦୦୨ରେ ପି.ଜି. ସରିବା ପରେ ଆମେ ୪/୫ ଜଣ ସାଙ୍ଗ ଭୁବନେଶ୍ୱର ଆସି ଘରଭଡ଼ା ନେଇ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପଢ଼ାପଢ଼ି ଆରମ୍ଭ କରିଦେଲୁ। ସ୍କୁଲ୍ ଓ କଲେଜ ବେଳେ କେବେ ବି ଟ୍ୟୁଶନ ହୋଇ ନ ଥିଲି। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ବି କୌଣସି କୋଚିଂ ନ ନେଇ ନିଜେ ନିଜେ ପ୍ରସ୍ତୁତ ହେବାକୁ ଲାଗିଲି। ମୋ ସହ ଥିବା ୪/୫ ଜଣ ସାଙ୍ଗ ବି ସେମିତି କରୁଥିଲେ। ଘରଭଡ଼ା ତଥା ବହିପତ୍ର କିଣାକିଣି ପାଇଁ ଆମେ ଟ୍ୟୁଶନ କରିବା ଆରମ୍ଭ କରିଦେଲୁ। ତା'ସହିତ ଚାକିରି ପାଇଁ ଆବେଦନ କରୁଥିଲୁ, ପରୀକ୍ଷା ବି ଦେଉଥିଲୁ। ଅନେକ ପରୀକ୍ଷା ଦେବା ପରେ ଶେଷରେ ୨୦୦୫-୦୬ରେ ଡେପୁଟି ସୁବେଦାର ଭାବେ ମୋର ସିଲେକ୍ସନ ହେଲା। ଏଥିପାଇଁ କିଛିଦିନ ଟ୍ରେନିଂ ବି ନେଲି। ହେଲେ ଏହି ଟ୍ରେନିଂ ସମୟରେ ମୋତେ ସବ୍‌ଇନ୍ସପେକ୍ଟର ଚାକିରି ମିଳିଗଲା। ତେଣୁ ଡେପୁଟି ସୁବେଦାର ଚାକିରି ଛାଡି ସବ୍‌ଇନ୍ସପେକ୍ଟରର ଟ୍ରେନିଂ ନେବାକୁ ଆରମ୍ଭ କଲି। ପୁଣି ଏହି ଟ୍ରେନିଂ ନେଉଥିବାବେଳେ ମୋତେ ଆଉ ଦୁଇଟି ଚାକିରିର ଅଫର୍ ଆସିଲା। ଗୋଟିଏ ହେଉଛି ଆସିଷ୍ଟାଣ୍ଟ କମର୍ସିଆଲ୍ ଟ୍ୟାକ୍ସ ଅଫିସର ଏବଂ ଅନ୍ୟଟି ହେଉଛି ସପ୍ଲାଏ ଇନ୍ସପେକ୍ଟର। ମୁଁ ଆସିଷ୍ଟାଣ୍ଟ କମର୍ସିଆଲ ଟ୍ୟାକ୍ସ ଅଫିସର ଚାକିରିକୁ ପସନ୍ଦ କରି ସେଥିରେ ଜଏନ କଲି। ୨୦୦୯ରୁ-୨୦୧୭ ଯାଏଁ ସେଥିରେ ରହିଲି। ତାରି ଭିତରେ ୨୦୧୫ରେ ଓଏଏସ୍ ପରୀକ୍ଷା ଦେଇଥିଲି। କିନ୍ତୁ ରେଜଲ୍ଟ ବାହାରିଲାବେଳକୁ ୨୦୧୭ ହୋଇଗଲା। ସେଥିରେ ମୋର ଯେଉଁ ର୍‌ୟାଙ୍କ୍ ଥିଲା ସେହି ଅନୁସାରେ ମୋତେ ଓଡିଶା ରେଭିନ୍ୟୁ ସର୍ଭିସ୍ (ଓଡିଶା ରାଜସ୍ୱ ସେବା) ବିଭାଗରେ ଆଡିଶନାଲ ତହସିଲ୍‌ଦାର ଭାବେ ଚାକିରି ମିଳିଲା। ତେଣୁ ଆସିଷ୍ଟାଣ୍ଟ କମର୍ସିଆଲ୍ ଟ୍ୟାକ୍ସ ଅଫିସର ଚାକିରି ଛାଡି କଣାସ, ପୁରୀରେ ଆସି ଆଡିଶନାଲ ତହସିଲ୍‌ଦାର ଭାବେ କାମ କଲି। ୨୦୧୫ ପରେ ୨୦୧୬ରେ ବି ଆଉ ଥରେ ଓଏଏସ୍ ପରୀକ୍ଷା ପାଇଁ ବିଜ୍ଞାପନ ବାହାରିଥିଲା। ମୁଁ ସେଥିରେ ଆପ୍ଲାଏ ମଧ୍ୟ କରିଥିଲି। ହେଲେ ତା'ର ରେଜଲ୍ଟ ବାହାରିଲାବେଳକୁ ୨୦୧୮ ହୋଇଗଲା। ଏଥିରେ ମୋର ଆହୁରି ଭଲ ର୍‌ୟାଙ୍କ ରହିଲା। ଆଉ ମୋତେ ତହସିଲ୍‌ଦାର ଭାବେ ପୋଷ୍ଟିଂ ମିଳିଲା। ଏବେ ମୁଁ ଢେଙ୍କାନାଳର ପରଜଙ୍ଗଠାରେ ତହସିଲ୍‌ଦାର ଭାବେ ଅବସ୍ଥାପିତ। ଏ ତ ଥିଲା ମୋ ଚାକିରି ଜୀବନ କଥା। ଏହାଛଡ଼ା ଉପନ୍ୟାସ ପଢିବାରେ ବି ମୋର ଖୁବ୍ ରୁଚି ରହିଛି। ସ୍କୁଲ୍ ଓ କଲେଜବେଳେ ଅନେକ ବକ୍ତୃତା ଦେଇଛି। ଏପରି କି ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇ ସେଥିରେ ପୁରସ୍କୃତ ମଧ୍ୟ ହୋଇଛି। ଆଗକୁ ବିଭିନ୍ନ ସାମାଜିକ ସମସ୍ୟାକୁ ନେଇ ପ୍ରବନ୍ଧ ଲେଖିବାକୁ ମୁଁ ଯୋଜନା ରଖିଛି। ଜୀବନରେ କଷ୍ଟ କ'ଣ, ତାହା ମୁଁ ପିଲାଟିଦିନରୁ ଅଙ୍ଗେ ନିଭେଇଛି। ହାଇସ୍କୁଲ ବାରଣ୍ଡା ଥିଲା ମୋର ପାଠଶାଳା ଆଉ ବାରଣ୍ଡାର ବିଦ୍ୟୁତ୍ ଖୁଣ୍ଟିରେ ଥିବା ଆଲୋକ ଥିଲା ମୋର ସାଥୀ। ତେଣୁ କୌଣସି ଦୁଃଖୀ ଲୋକଙ୍କୁ ଦେଖିଲେ ମୋ ଛାତି ଭିତରଟା ଆନ୍ଦୋଳିତ ହୋଇଯାଏ। କାହାର କଷ୍ଟ ମୁଁ ସହିପାରେନି। ବିପଦରେ ପଡ଼ି ମୋଠାରୁ କିଛି ସହାୟତା ପାଇବାକୁ ଆଶା ରଖିଥିବା ଲୋକଙ୍କୁ ମୁଁ ମୋ ସାଧ୍ୟମତେ ସାହାଯ୍ୟ କରିବାକୁ ସବୁବେଳେ ଚେଷ୍ଟା କରିଥାଏ। *-ଅନ୍ୱିତା*

# ପ୍ରେମିକା ନୁହେଁ ସେ ଉଡ଼ନ୍ତା ପରୀ, ଘଡ଼ିଏ ପରମାନେଣ୍ଟ ଘଡ଼ିଏ ଟେମ୍ପରାରି



ସାଥୀ

**ପ୍ରଶ୍ନ**–ଥରେ ଜଣେ ଝିଅ ମୋ ମନରେ ବେଶ୍ କିଛି ବର୍ଷ ବସା ବାନ୍ଧି ରହିଲା। ହେଲେ ତା'ପରେ କ'ଣ ହେଲା କେଜାଣି କୁଆଡ଼େ ଉଡ଼ି ଚାଲିଗଲା। ସେ ଯେ କେବଳ ମୋତେ ଧୋକା ଦେଲା ତା' ନୁହେଁ, ମୁଁ ଶୁଣୁଛି ଯା ଭିତରେ ସେ ୩/୪ ଜଣ ପ୍ରେମିକ ବଦଳାଇ ସାରିଲାଣି। ହେଲେ ତା' କଥା ଏବେ ମଧ୍ୟ ମୋର ମନେ ପଡୁଛି। କ'ଣ କରିବି ?

*–ସୁଜିତ କୁମାର, ବାଲେଶ୍ୱର*

**ଉତ୍ତର:** ଏଭଳି ପ୍ରେମିକାକୁ ଦୂରୁ ଜୁହାର। ଦେଖୁନାହାନ୍ତି, ଆପଣଙ୍କୁ ପାନେ ଚଖେଇ ଯିବା ପରେ ଆଉ କେତେ ଜାଗା ସେ ବସା ବାନ୍ଧି ସାରିଲାଣି ! କାରଣ 'ପ୍ରେମିକା ନୁହେଁ ସେ ଉଡ଼ନ୍ତା ପରୀ, ଘଡିଏ ପରମାନେଣ୍ଟ ଘଡିଏ ଟେମ୍ପରାରି'। ତେଣୁ ସେଭଳି ପ୍ରେମିକାକୁ ମନ ଭିତରୁ ଯେତେଶୀଘ୍ର ଦୂରେଇ ଦେବେ ସେତେ ଭଲ। ନ ହେଲେ ଶେଷକୁ ଫଳ ତ କିଛି ମିଳିବନି, ହେଲେ ଭାବି ଭାବି ସେମିତି ପ୍ରେମ ନିଆଁରେ ସନ୍ତୁଳି ହେଉଥିବେ।

**ପ୍ରଶ୍ନ**–ପ୍ରେମର ପ୍ରଥମ ପାହାଚରେ ପାଦ ଦେବାକୁ ଡର ଲାଗୁଛି। କାଳେ ମୁଁ ଏଥିରେ ଅସଫଳ ହେବି। ତେଣୁ କ'ଣ କରିବି କିଛି ଜାଣିପାରୁନାହିଁ।

*–ଅଶୋକ ନାୟକ, ରାଉରକେଲା*

**ଉତ୍ତର:** ପ୍ରେମ କରିବା ପୂର୍ବରୁ ଯଦି ବାରମ୍ବାର ପଛକୁ ଚାହାନ୍ତି ତେବେ ପାଦ ଆଗକୁ ପଡ଼ିବା ପରିବର୍ତ୍ତେ ପଛକୁ ପଡ଼ିବ। ଏହି ସମୟରେ ଯଦି ମନରେ କାଳେ, କିନ୍ତୁ ପରି ଶବ୍ଦ ଆସେ ସବୁ କିଛି ଅଡୁଆ ତଡୁଆ ହୋଇଯାଏ। ତେଣୁ ମନକୁ ପ୍ରଥମେ ଦୃଢ଼ କରନ୍ତୁ। ସାହସର ସହ ମନଲାଖି ପ୍ରେମିକାଟିଏ ଖୋଜି ତାକୁ ମନର କଥା କୁହନ୍ତୁ। ଯଦି ପ୍ରେମ ତୀର ଠିକ୍ ଜାଗାରେ ବାଜିଲା ତେବେ ଧରି ନିଅନ୍ତୁ ସୋନେ ପେ ସୁହାଗା। ଯଦି ଥରେ ଦି' ଥର ଅସଫଳ ହେଲେ ପରବାୟ ନାହିଁ। ଚେଷ୍ଟା ଜାରି ରଖନ୍ତୁ।

**ପ୍ରଶ୍ନ**–ମୋତେ ଏକାଥରେ ଦୁଇ ଜଣ ଝିଅ ମନ ପ୍ରାଣ ଦେଇ ଭଲ ପାଉଛନ୍ତି। କାହାକୁ ମୁଁ ଧୋକା ଦେବାକୁ ଚାହୁଁନି। ହେଲେ ସେମାନଙ୍କ ଭିତରୁ ମୁଁ କାହାକୁ ବାହା ହେବି ଜାଣିପାରୁନି। କ'ଣ କରିବି ?

*–ପ୍ରକାଶ, ପୁରୀ*

**ଉତ୍ତର:** ଆପଣଙ୍କୁ ପ୍ରେମର ନିଶା ଫୁଲ୍ ଘାରିଛି। ଦୁଇ ଜଣ ପ୍ରେମିକାକୁ ବାଲାନ୍ସ କରି ଚାଲିଛନ୍ତି ବଡ଼ କଥା। ପୁଣି କାହା ମନ ଭାଙ୍ଗିବାକୁ ଚାହୁଁନାହାନ୍ତି। ଏବେ ମନରେ ଗୋଟିଏ ପ୍ରଶ୍ନ-କାହାକୁ ବାହାହେବେ ? ଏଇଟା ଆପଣଙ୍କର ପ୍ରାଇଭେଟ ମ୍ୟାଟର। ତେଣୁ ବୁଦ୍ଧି ଆପ୍ଲାଏ କରି ଡିସାଇଡ୍ କରନ୍ତୁ କାହା ମଥାରେ ସିନ୍ଦୂର ପିନ୍ଧାଇବେ।

**ପ୍ରଶ୍ନ**–ବେଳେ ବେଳେ ପ୍ରେମିକା ସବୁ ବୁଝି ଅବୁଝା ହୋଇଥାଏ କାହିଁକି ?

*–ସନାତନ ସାହୁ, ଢେଙ୍କାନାଳ*

**ଉତ୍ତର:** ବେଳେ ବେଳେ ସବୁ ବୁଝି କେତେକ ପ୍ରେମିକା ଅବୁଝା ହୁଅନ୍ତି। କାରଣ ସେମାନେ ପ୍ରେମିକର ଧୈର୍ଯ୍ୟ କେତେ ତାହାର ଟେଷ୍ଟ ନେଇଥାଆନ୍ତି। ତେଣୁ ସେହି ସମୟରେ ପ୍ରେମିକାକୁ ଏପରି ଇଲମ ଦିଅନ୍ତୁ ଯେମିତି ତା' ଅବୁଝା ଆଖିରେ ଖୁସିର ଲହରି ଖେଳିଯିବ।


# ବାଲେଶ୍ୱରରୁ ବଲିଉଡ୍

ଜନ୍ମ ତାଙ୍କର ସୁନାରୀ ପରିବାରରେ। କିନ୍ତୁ ଛୋଟବେଳୁ ନିଷ୍ପତ୍ତି ନେଇସାରିଥିଲେ ଯେ, ସେ ହେବେ ଅଭିନେତା। ଏଥିପାଇଁ ସେ କରିଥିଲେ ଅନେକ କଷ୍ଟ। ଫଳସ୍ୱରୂପ ଆଜି ସେ ସୋନି, ସବ୍, ଜି, କଲର୍ସ, ଆଣ୍ଡ ଟିଭି ଭଳି ଚ୍ୟାନେଲ୍‌ର ଅନେକ ଲୋକପ୍ରିୟ ଟେଲି ସିରିଜ୍‌ରେ ଅଭିନୟ କରିବା ସହ ଏବେ ବଲିଉଡ୍ ଚଳଚ୍ଚିତ୍ରରେ କାମ କରିବାର ବି ସୁଯୋଗ ପାଇଛନ୍ତି। ଏହି ବ୍ୟକ୍ତିତ୍ୱ ଜଣକ ହେଉଛନ୍ତି ବାଲେଶ୍ୱର ଜିଲାର ରତିକାନ୍ତ କାମିଲା।

**ସ୍ୱପ୍ନ ପୂରଣ ପାଇଁ ପ୍ରସ୍ତୁତି–** ବାଲେଶ୍ୱର, ବାଲିଆପାଳର କଟି ସାହି ଗାଁରେ ରତିକାନ୍ତ କାମିଲାଙ୍କର ଜନ୍ମ। ବାପା ବରେନ୍ଦ୍ର କାମିଲା ଓ ମା’ କାଞ୍ଚନ କାମିଲାଙ୍କ ୬ ସନ୍ତାନ ମଧ୍ୟରୁ ରତିକାନ୍ତ ଜଣେ। ପିଲାଟି ବେଳୁ କଳା ଓ ଅଭିନୟ ପ୍ରତି ଥିଲା ତାଙ୍କର ରୁଚି। ବାଲେଶ୍ୱର, ବାଲିଆପାଳରେ କଳାରେ ସ୍ନାତକ ଡିଗ୍ରୀ କରିଥିଲେ। ଏହାପରେ ସେ ଏଇ ଛୋଟିଆ ଗାଁରୁ ବାହାରି ସ୍ୱପ୍ନର ନଗରୀ ମୁମ୍ବାଇ ଯାଇ ନିଜ ସ୍ୱପ୍ନକୁ ପୂରଣ କରିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ତା’ପୂର୍ବରୁ ନିଜକୁ ଅଭିନୟରେ ପରିପକ୍ୱ କରିବା ଥିଲା ନିହାତି ଜରୁରୀ। ରତିକାନ୍ତ କହନ୍ତି, ‘ସେଥିପାଇଁ ପ୍ରଥମେ ମୁଁ ବାଙ୍ଗାଲୋର୍ ଗଲି। ସେଠି ପାର୍ଟ ଟାଇମ୍‌ରେ ଏକ କଲ୍ ସେଣ୍ଟରରେ ରାତିରେ କାମ କଲି। ତା’ସହ ‘ନ୍ୟାଶନାଲ ଏକାଡେମୀ ଅଫ ସିନେମା ଆଣ୍ଡ ଟେଲିଭିଜନ’ ଅନୁଷ୍ଠାନରେ ଅଭିନୟର ତାଲିମ ନେଲି। ତିନିବର୍ଷ ଏହିପରି ରାତିରେ କାମ ଓ ଦିନରେ ଅଭିନୟର ତାଲିମ ନେବା ଜାରି ରହିଲା। ଏହାପରେ ଯାଇ ମାନସିକ ସ୍ତରରେ ପ୍ରସ୍ତୁତ ହୋଇଗଲି ସ୍ୱପ୍ନର ନଗରୀ ମୁମ୍ବାଇ ଯିବାକୁ। ହେଲେ ସେଠାକୁ ଯାଇ ରହିବାକୁ ହେଲେ ଟଙ୍କାର ଆବଶ୍ୟକତା ଥିଲା। ତେଣୁ ତାଲିମ ସରିବା ପରେ ୫–୬ ମାସ ଫୁଲ୍ ଟାଇମ୍ ଜବ୍ କରି ଟଙ୍କା ସଞ୍ଚୟ କଲି। ହାତରେ କିଛି ଟଙ୍କା ହୋଇଯିବା ପରେ ଯାଇ ଚାଲିଲି ମୁମ୍ବାଇ। କିନ୍ତୁ ପରିବାର ଲୋକେ ଏ ସମ୍ପର୍କରେ କିଛି ବି ଜାଣି ନ ଥିଲେ।’

**ମୁମ୍ବାଇରେ ସଂଘର୍ଷର ସେଇ ଦିନ–** ‘୨୦୧୪ରେ ମୁଁ ମୁମ୍ବାଇ ଗଲି। ନୂଆ ଜାଗା, ନୂଆ ଲୋକ। ହାତରେ ଅଳ୍ପ କିଛି ସଞ୍ଚିତ ଅର୍ଥ। ପ୍ରଥମେ ମୁଁ ଅନ୍ଧେରିର ଲଜ୍‌ରେ ଦିନକୁ ୩୦୦ଟଙ୍କା ଦେଇ ରହିଲି। ଆଉ ଦେଇ ଚାଲିଲି ଅଡିଶନ୍ ପରେ ଅଡିଶନ୍। ଖାଇବା, ଶୋଇବାର ନ ଥିଲା ଠିକଣା। ସକାଳେ ଓ ରାତିରେ ଗୋଟିଏ ଲେଖାଏ ବଡ଼ାପାଓ ଖାଇ ଦିନ କାଟୁଥିଲି। ଦିନକୁ ୧୨–୧୩ ଟଙ୍କା ଖାଇବା ପାଇଁ ଖର୍ଚ୍ଚ କରୁଥିଲି। ଏମିତିରେ କଟିଗଲା ୬–୭ ମାସ। ତଥାପି ସଂଘର୍ଷ ଜାରି ରହିଥିଲା। ଶେଷରେ ଡିଡି ନ୍ୟାଶନାଲରେ ମୋତେ ମିଳିଲା ପ୍ରଥମ ବ୍ରେକ୍। ‘ଐଶା ପ୍ରେମ୍ କହାଁ’ ନାମକ ଧାରାବାହିକରେ ଲିଡ୍ ନେଗେଟିଭ୍ ଭୂମିକାରେ ଅଭିନୟ କଲି। ସେ ପର୍ଯ୍ୟନ୍ତ ବି ପରିବାର ଲୋକେ ଏ ସମ୍ପର୍କରେ କିଛି ଜାଣି ନ ଥିଲେ। ଯେବେ ଧାରାବାହିକଟି ଚ୍ୟାନେଲ୍‌ରେ ଟେଲିକାଷ୍ଟ ହେଲା, ସେବେ ଯାଇ ମୁଁ ପରିବାର ଲୋକଙ୍କୁ ଫୋନ୍ କରି ଜଣେଇଲି। ମୋତେ ଟିଭିରେ ଦେଖି ସେମାନେ ବହୁତ ଖୁସି ହୋଇଥିଲେ। ଧାରାବାହିକଟି ଦେଢ଼ବର୍ଷ ପର୍ଯ୍ୟନ୍ତ ଚାଲିଥିଲା। ସେଥିରେ ମୋ କାମକୁ ବହୁତ ପସନ୍ଦ କରାଯାଇଥିଲା। ଏହାପରେ ମୋତେ ଅନେକ ଅଫର୍ ମିଳିବାକୁ ଲାଗିଲା ବୋଲି ରତିକାନ୍ତ କହନ୍ତି।





**ଧାରାବାହିକରୁ କ୍ଷୁଦ୍ର ଚଳଚ୍ଚିତ୍ର–** ବିଭିନ୍ନ ଧାରାବାହିକରେ ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରିଥିଲେ ହେଁ ତାଙ୍କର ନେଗେଟିଭ୍ ଚରିତ୍ରର ଅଭିନୟକୁ ସମସ୍ତେ ବେଶ୍ ପସନ୍ଦ କରିଥିଲେ। ତେଣୁ ଏହି ଚରିତ୍ରରେ ଅଭିନୟ କରିବା ଲାଗି ତାଙ୍କୁ ମିଳିଛି ଅନେକ ଅଫର୍ । ଷ୍ଟାର୍‌ପ୍ଲସ୍‌ର ‘ସୁହାନି ସି ଏକ ଲଡକି’ରେ ସେ ହିରୋଙ୍କ ସାଙ୍ଗ ଭୂମିକାରେ ଓ ‘କୟାମତ କି ରାତ’ରେ ତାନ୍ତ୍ରିକ ଭୂମିକାରେ ଅଭିନୟ କରିଥିଲେ। ସବ୍ ଟିଭିର ‘ସାହେବ୍ ବିୱି ଔର ବସ୍’, ସୋନି ଏଣ୍ଟରଟେନମେଣ୍ଟରେ ‘ସଙ୍କଟ ମୋଚନ ମହାବଳୀ ହନୁମାନ’(ରାକ୍ଷସ), ‘କ୍ରାଇମ୍ ପାଟ୍ରୋଲ୍ ୧୦୦’ର ଏକ ଏପିସୋଡରେ କାମ କରିଛନ୍ତି। ‘ବିଗ୍ ମ୍ୟାଜିକ’ ଚ୍ୟାନେଲ୍‌ର ‘ଆକବର୍ ବିରବଲ୍’ ଧାରାବାହିକରେ ମନ୍ତ୍ରୀ ଚରିତ୍ର, କଲର୍ସର ‘ଚନ୍ଦ୍ରନନ୍ଦିନୀ’ରେ କଳିଙ୍ଗ ମହାରାଜଙ୍କ ସାମ୍ରାଜ୍ୟର ଏକ ଗାଁର ମୁଖିଆ ଚରିତ୍ର, ନାଗିନ୍ ୩ରେ ଅଘୋରି ବାବା ଭୂମିକା ଓ ‘ଇସ୍କ ମୈ ମରଜାୱାଁ’ ଧାରାବାହିକରେ ବି କାମ କରିଛନ୍ତି। ଜି ଟିଭିର ‘ଦିଲ୍ ଢୁଣ୍ଡତା ହୈ’ ଓ ‘ଐସି ଦିୱାନଗୀ ଦେଖି ନହିଁ କହିଁ’ରେ ସପୋର୍ଟିଭ୍ ରୋଲ୍‌ରେ ଅଭିନୟ କରିଛନ୍ତି। ଏହାଛଡା ‘ଫିୟର ଫାଇଲ୍ସ’ର ଦୁଇଟି କାହାଣୀରେ ତାନ୍ତ୍ରିକ, ‘ଆପକି ଆଜାନେ ସେ’ରେ ନେଗେଟିଭ୍ ରୋଲ୍ କରିଥିଲେ। ଆଣ୍ଡ ଟିଭିରେ ‘ମେରି ହାନିକାରକ ବିୱି’, ‘ବିକ୍ରମ ବେତାଳ’ର ଦୁଇଟି କାହାଣୀରେ ମୁଖ୍ୟ ଭୂମିକା, ‘ଲାଲ ଇସ୍କ’, ସିଦ୍ଧି ବିନାୟକ, ‘ଅଗ୍ନି ଫେରା’ ଆଦି ଧାରାବାହିକରେ କାମ କରିଛନ୍ତି। ଏହା ଛଡା ବିଭିନ୍ନ ସରକାରୀ ସ୍ତରରେ ଓ ସାମାଜିକ ବିଜ୍ଞାପନରେ ମଧ୍ୟ କାମ କରିଛନ୍ତି। ଭୋଜପୁରୀ ସିନେମା ‘ତୁହି ତୋ ମେରି ଜାନ ହେ ରାଧା ୨’ (ରିଲିଜ ୨୦୧୭)ରେ ଡାକ୍ତର ଭୂମିକାରେ କାମ କରିବାର ବି ସୁଯୋଗ ପାଇଥିଲେ । ଆଗାମୀ ଦିନରେ ତାଙ୍କୁ ଷ୍ଟାର ପ୍ଲସ୍‌ରେ ଆସିବାକୁ ଥିବା ‘ମହାରାଜ କୀ ଜୟ ହୋ’ ସିରିଏଲରେ ଦେଖିବାକୁ ମିଳିବ। ଅନେକ ଶର୍ଟ ଫିଲ୍ମ ବା କ୍ଷୁଦ୍ର ଚଳଚ୍ଚିତ୍ରରେ ବି ସେ କାମ କରିଛନ୍ତି। କନ୍ନଡ ଭାଷାର ଶର୍ଟ ଫିଲ୍ମ ‘ଓଣ୍ଡୁ ମାନେ କଥେ’, ହିନ୍ଦୀ ଶର୍ଟ ଫିଲ୍ମ ‘ଭୁଖ୍ ଏକ ସୋଚ୍’, ଲାଷ୍ଟଷ୍ଟେପ, ବଟୱାରା, ଟର୍ନ ଆରାଉଣ୍ଡ, କ୍ରେଜି –ଫର, ସେଭ ଦ ୱାଟର, ଥ୍ରୀ ମିସ୍‌ଟେକ, ହିରଣ୍ୟକଶ୍ୟପ ଆଦିରେ ବି ଅଭିନୟ କରିଛନ୍ତି। ୨୦୧୭ ପୁଣେରେ ହୋଇଥିବା ଇଣ୍ଟରନ୍ୟାଶନାଲ ଶର୍ଟ ଫିଲ୍ମ ଫେଷ୍ଟିଭାଲରେ ‘ହିରଣ୍ୟକଶ୍ୟପ’ ଫିଲ୍ମ ପାଇଁ ରତିକାନ୍ତ ବେଷ୍ଟ ଡାଏଲଗ୍ ପାଇଁ ସମ୍ମାନିତ ହୋଇଥିଲେ। ଏହାବ୍ୟତୀତ ସାବିତ୍ରୀ–ଗଙ୍ଗାଧର ଦାସ ପ୍ରତିଭା ସମ୍ମାନ– ୨୦୧୯, ହିମାଚଳ ପ୍ରଦେଶ ସରକାରଙ୍କ ପକ୍ଷରୁ ୨୦୧୮ରେ ଆଚିଭମେଣ୍ଟ ଆୱାର୍ଡ ବି ପାଇଛନ୍ତି। ୨୦୧୭ରେ ରତିକାନ୍ତ ‘ଫେକ୍ ଫ୍ଲେସ ଫିଲ୍ମ ଫେଷ୍ଟ ଅଫିସିଆଲ ସିଲେକ୍ସନ କଲୋମ୍ବିଆ’ରେ ଭାଗ ନେବା ସୁଯୋଗ ପାଇଥିଲେ। ସେହିବର୍ଷ ପ୍ୟାରିସରେ ଅନୁଷ୍ଠିତ ‘ଲେସ ଫିଲ୍ମସ ଦେ ଲା ଟୋଇଲି’ ପ୍ରତିଯୋଗିତାରେ ସେ ସେମିଫାଇନାଲ ପର୍ଯ୍ୟନ୍ତ ଯାଇଥିଲେ।


ରତିକାନ୍ତ



**ଏବେ ହାତରେ ବଡ଼ ବ୍ୟାନର୍‌ର ଚଳଚ୍ଚିତ୍ର–** ଧାରାବାହିକ, କ୍ଷୁଦ୍ର ଚଳଚ୍ଚିତ୍ରରେ କାମ କରିବା ପରେ ଏବେ ତାଙ୍କୁ ବଲିଉଡ୍‌ର ଏକ ଭଲ ବ୍ୟାନରର ଚଳଚ୍ଚିତ୍ରରେ ଅଭିନୟ କରିବାର ସୁଯେଗ ମିଳିଛି। ଏବେ ଏହାର ଶୁଟିଂ ଚାଲିଛି। ରତିକାନ୍ତ କହନ୍ତି, ‘ଚଳଚ୍ଚିତ୍ରଟି ଆକ୍ସନଭିତ୍ତିକ ଓ ଗ୍ୟାଙ୍ଗଷ୍ଟରଙ୍କୁ ନେଇ ହୋଇଛି। ଏଥିରେ ମୋତେ ସେକେଣ୍ଡ ଲିଡ୍‌ରେ ଅଭିନୟ କରିବାର ସୁଯୋଗ ମିଳିଛି। ଏହି ଚଳଚ୍ଚିତ୍ରକୁ ନେଇ ମୋର ଅନେକ ଆଶା ରହିଛି। ଫିଲ୍ମଟି ରିଲିଜ୍ ହେବା ପରେ ସମସ୍ତେ ଏହାକୁ ପସନ୍ଦ କରିବେ ବୋଲି ଭାବୁଛି।’ ସେ ଆହୁରି କହନ୍ତି ଯେ, ଅଭିନୟ ଜଗତରେ ସଂଘର୍ଷ ସବୁବେଳେ ରହିଛି। ପ୍ରଥମେ ଏହି ଦୁନିଆ ଭିତରେ ପ୍ରବେଶ କରିବାର ସଂଘର୍ଷ, ଆଉ ଥରେ ପଶିଗଲା ପରେ ନିଜର ସ୍ଥିତିକୁ ବଜାୟ ରଖିବା ସହ ପ୍ରତିଯୋଗିତା ଭିତରେ ଆଗକୁ ବଢିବାର ପ୍ରତିଯୋଗିତା ଲାଗି ରହିଥାଏ। ଆଉ ଯିଏ ଦୃଢ଼ବିଶ୍ୱାସର ସହ କାମ କରେ ସେ ହିଁ ଏଠି ତିଷ୍ଠି ପାରେ।



**–ଶିବାନୀ ମହାନ୍ତି**

ତଥ୍ୟ ସହାୟତା–**ନରେଶ ଚନ୍ଦ୍ର ପଟ୍ଟନାୟକ**

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ଆଶିଷ

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ

## ହାଃ ହାଃ

### ଉଠେଇପାରିବ


ପହିଲବାନକୁ ମୁନା- ଆପଣ ଏକାସାଙ୍ଗରେ କେତେ ଜଣଙ୍କୁ ଉଠେଇପାରିବେ ?
ପହିଲବାନ-୫ ଜଣଙ୍କୁ।
ମୁନା- କ'ଣ, ଏତିକି! ତା'ହେଲେ ଆପଣଙ୍କଠୁ ତ ଭଲ ମୋ କୁକୁଡ଼ା।
ପହିଲିବାନ- କେମିତି ?
ମୁନା- ସେ ତ ଗୋଟିଏ ରାବରେ ପୂରା ଗାଁ ଲୋକଙ୍କୁ ଉଠେଇ ଦେଉଛି।

### କଥା ହେବୁ

ପୋଲିସ୍ ଗୋପାଳର କବାଟ ଖଡ ଖଡ କରିବାରୁ ଗୋପାଳ-କିଏ ?
ପୋଲିସ୍- ଆମେ ପୋଲିସ୍। କବାଟ ଖୋଲ।
ଗୋପାଳ- କାହିଁକି ?
ପୋଲିସ୍- ଟିକେ କଥା ହେବୁ।
ଗୋପାଳ- ଆପଣ କେତେଜଣ ଆସିଛନ୍ତି ?
ପୋଲିସ୍- ୪ ଜଣ।
ଗୋପାଳ- ତା'ହେଲେ ଆପଣମାନେ ପରସ୍ପର ସହ କଥା ହୁଅନ୍ତୁ। ମୁଁ ଟିକେ ବ୍ୟସ୍ତ ଅଛି।

### ଭବିଷ୍ୟତ କାଳ

ଶିକ୍ଷକ-ମୁଁ ଗୋଲୁକୁ ଚାପୁଡ଼ା ମାରିଲି। ଏହାର ଭବିଷ୍ୟତ କାଳ କ'ଣ ହେବ କହିଲୁ।
ଗୋଲୁ- ସ୍କୁଲ ଛୁଟି ବେଳକୁ ଆପଣ ନିଜ ବାଇକ୍ ପଙ୍କଚର ହୋଇଥିବା ଦେଖିବାକୁ ପାଇବେ।



# ପ୍ରାକୃତିକ ବୈଭବରେ ଭରା

# ଅଲ୍‌ଛି

ପ୍ରାକୃତିକ ବୈଭବରେ ଭରା ଅଲ୍‌ଛି ହେଉଛି ଜମ୍ମୁ ଓ କଶ୍ମୀରସ୍ଥିତ ଏକ ଛୋଟ ଗାଁ। ସିନ୍ଧୁ ନଦୀର ତଟଦେଶରେ ଥିବା ଏହି ଗାଁରେ ବୌଦ୍ଧମଠ ସମେତ ଆହୁରି ଅନେକ ଆକର୍ଷଣୀୟ ଦର୍ଶନୀୟ ସ୍ଥାନ ଦେଖିବାକୁ ମିଳିଥାଏ। ଖାସ୍ ସେଥିପାଇଁ ତ ଶାନ୍ତବାତାବରଣ ଭିତରେ କିଛି ସମୟ କଟାଇବା ପାଇଁ ପର୍ଯ୍ୟଟକଙ୍କର ବେଶ୍ ଭିଡ଼ ଜମେ ଏଠାରେ...

ଜମ୍ମୁ ଓ କଶ୍ମୀରର ଲେହ ଜିଲା ଅନ୍ତର୍ଗତ ଏକ ଛୋଟ ଗାଁ ହେଉଛି ଅଲ୍‌ଛି। ସିନ୍ଧୁ ନଦୀର ତଟଦେଶରେ ଥିବା ଏହି ଗାଁର ପ୍ରାକୃତିକ ସୌନ୍ଦର୍ଯ୍ୟ ବେଶ୍ ମନଲୋଭା। ତା'ସାଙ୍ଗକୁ ଏଠାରେ ରହିଛି ପ୍ରସିଦ୍ଧ ଅଲ୍‌ଛି ମଠ, ଯାହା ହେଉଛି ସ୍ଥାନୀୟ ଏକ ଲୋକପ୍ରିୟ ଦର୍ଶନୀୟସ୍ଥାନ।

### କେବେ ଯିବେ

କୁହାଯାଏ ଅଲ୍‌ଛିରେ କୁଆଡେ ଖୁବ୍ ଥଣ୍ଡା ହୋଇଥାଏ। ହେଲେ ଖରାଦିନେ ସାଧାରଣ ଗରମ ହୁଏ। ସେହିପରି ବର୍ଷା ବି ଏଠାରେ ମଧ୍ୟମ ଧରଣର ହୋଇଥାଏ। ତେଣୁ ପର୍ଯ୍ୟଟକ ନିଜ ସୁବିଧା ଅନୁଯାୟୀ ଯେତେବେଳେ ଚାହିଁବେ ସେତେବେଳେ ଏଠାକୁ ବୁଲିବାକୁ ଯାଇପାରିବେ। ତେବେ ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ର ଅନୁଯାୟୀ, ଅଲ୍‌ଛିକୁ ବୁଲିଯିବା ପାଇଁ ମେ'ରୁ ସେପ୍ଟେମ୍ବର ହେଉଛି ସବୁଠୁ ଭଲ ସମୟ।

### କେମିତି ଯିବେ


ଲେହଠାରୁ ପ୍ରାୟ ୭୦ କି.ମି. ଦୂରରେ ଅଲ୍‌ଛି ଅବସ୍ଥିତ। ଲେହସ୍ଥିତ ଏୟାର୍‌ପୋର୍ଟ ହେଉଛି ଏହାର ନିକଟତମ ବିମାନବନ୍ଦର, ଯାହା ଦେଶର ବହୁ ପ୍ରମୁଖ ସହର ଯେମିତିକି ପୁଣେ, ଦିଲ୍ଲୀ, ଶ୍ରୀନଗର ସହିତ ସଂଯୋଗ କରିଥାଏ। ସେହିପରି ପଠାନକୋଟ୍ ଜଙ୍କସନ୍ ରେଲୱେ ଷ୍ଟେଶନ ଏବଂ ଚଣ୍ଡିଗଡ଼ ଷ୍ଟେଶନ ହେଉଛି ଏହାର ଦୁଇ ନିକଟତମ ତଥା ମୁଖ୍ୟ ରେଳଷ୍ଟେଶନ। ତା'ଛଡ଼ା ଦେଶର ବହୁ ପ୍ରମୁଖ ସ୍ଥାନରୁ ଏଠାକୁ ଉଭୟ ସରକାରୀ ଓ ବେସରକାରୀ ବସ୍ ଯା'ଆସ କରିଥାଏ।


### କ'ଣ ଦେଖିବେ

ଅଲ୍‌ଛି ଗୋଟିଏ ଛୋଟ ଗାଁ ହୋଇଥିଲେ ବି ଏଠାରେ ଦେଖିବା ପାଇଁ ଅନେକ ପର୍ଯ୍ୟଟନସ୍ଥଳୀମାନ ରହିଛି। ଖାସ୍ କରି ଏଠାରେ ଥିବା ଅଲ୍‌ଛି ମଠ ହେଉଛି ସ୍ଥାନୀୟ ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ। ଏହା ହେଉଛି ଏକ ପୁରୁଣା ବୌଦ୍ଧମଠ। ଉକ୍ତ ମଠର ବାସ୍ତୁକଳା ବେଶ୍ ଆକର୍ଷଣୀୟ। ତା'ଛଡ଼ା ଏହି ମଠର କାନ୍ଥଗୁଡ଼ିକରେ ଗୌତମ ବୁଦ୍ଧଙ୍କର ଅନେକ ସୁନ୍ଦର ସୁନ୍ଦର ପେଣ୍ଟିଂ ହୋଇଥିବାର ମଧ୍ୟ ଦେଖିବାକୁ ମିଳିଥାଏ। ସେହିପରି ଏହି ଗାଁ ଭିତରେ ଅନେକ ଛୋଟ ଛୋଟ ମନ୍ଦିର ବି ରହିଛି। ଅନ୍ୟପକ୍ଷେ ସିନ୍ଧୁ ନଦୀର ଆକର୍ଷଣୀୟ ଦୃଶ୍ୟ ମଧ୍ୟ ହେଉଛି ଏଠାକାର ଅନ୍ୟତମ ଆକର୍ଷଣ। ତା'ଛଡ଼ା ଅଲ୍‌ଛିର ନିକଟବର୍ତ୍ତୀ ଅଞ୍ଚଳରେ ବି ଅନେକ ଛୋଟ ଛୋଟ ମଠ ଏବଂ ଶାନ୍ତିସ୍ତୁପ ଦେଖିବାର ସୁଯୋଗ ପର୍ଯ୍ୟଟକଙ୍କୁ ଏକ ନିଆରା ଆନନ୍ଦ ଦେଇଥାଏ।

### ଫଟୋଗ୍ରାଫିର ମଜା ନେବେ


ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଅଲ୍‌ଛିରେ ଫଟୋଗ୍ରାଫି ପାଇଁ ଭଲ ସ୍ଥାନମାନ ମଧ୍ୟ ରହିଛି। ଖାସ୍ କରି ସିନ୍ଧୁ ନଦୀର ତଟଦେଶ ତଥା ଅଲ୍‌ଛି ମଠ ନିକଟରେ ଫଟୋ ଉଠାଇବା ପାଇଁ ଅନେକେ ପସନ୍ଦ କରୁଥିବା ଦେଖିବାକୁ ମିଳିଥାଏ।












# ପଲିଥିନ୍‌ରେ ବନ୍ଧାହୋଇ ନଦୀ ପାର ହୁଅନ୍ତି ସ୍କୁଲ ପିଲା







ଭିଏତ୍‌ନାମର ହୁଓଇ ହା, ଏକ ଛୋଟିଆ ଗାଁ। ଏଠି ପହଞ୍ଚି ପାରିନାହିଁ ସରକାରଙ୍କର କୌଣସି ପ୍ରକାର ଯୋଜନା। ତଥାପି ସେମାନେ ଏତିକି ଭଲଭାବେ ଅବଗତ ଯେ, ଜୀବନରେ ଶିକ୍ଷାର ଆବଶ୍ୟକ ବହୁତ ରହିଛି। ତେଣୁ ନିଜ ଗାଁରେ ବିଦ୍ୟାଳୟ ନ ଥିଲେ ବି ଅନ୍ୟ ଗ୍ରାମର ବିଦ୍ୟାଳୟକୁ ପିଲାଙ୍କୁ ପଢିବାକୁ ଛାଡିଥାଆନ୍ତି। କଥା ସେତିକିରେ ସୀମିତ ନୁହେଁ, ଯେଉଁ ବିଦ୍ୟାଳୟକୁ ପିଲାମାନେ ଯାଆନ୍ତି ସେଠାକୁ ପହଞ୍ଚିବାଲାଗି ରାସ୍ତା ନାହିଁ। ଅଛି ଏକ ନଦୀ, ଯାହାକୁ ପାର୍ ହେବାକୁ ପଡିଥାଏ। ନଦୀରେ ଡଙ୍ଗାର ସୁବିଧା ବି ନାହିଁ। ବାଉଁଶକୁ ବାଉଁଶ ବନ୍ଧା ଯାଇ ଡଙ୍ଗା ଭଳି କରାଯାଇଥାଏ। ତାରି ଉପରେ ଠିଆ ହୋଇ ପିଲାମାନେ ନଦୀ ପାର ହୁଅନ୍ତି। ତେବେ ବର୍ଷାଦିନ ଆସିଲେ ତାକୁ ବି ବ୍ୟବହାର କରି ହୁଏନା। କାରଣ ବନ୍ୟା ଜଳ ଆସିଯିବାରୁ ଜଳର ସ୍ରୋତ ପ୍ରଖର ହୋଇଯାଏ। ଆଉ ସେଥିରେ ନଦୀ ପାର ହେବା ବିପଜ୍ଜନକ ହୋଇଯାଏ। ତେଣୁ ସେମାନେ ଏକ ଭିନ୍ନ ଉପାୟ ଆପଣେଇଥାଆନ୍ତି। ସେ ହେଉଛି ନଦୀ କୂଳରେ ଜଣ ଜଣ କରି ପିଲାଙ୍କୁ ଏକ ବଡ ପଲିଥିନ୍ ଭିତରେ ପୂରାଇ ଦିଆଯାଏ। ଆଉ ତା'ର ମୁହଁ ବନ୍ଦ କରି ତାକୁ ଜାବୁଡି ଧରି ପହଁରା ଜାଣିଥିବା ଗାଁର ବଳିଷ୍ଠ ବ୍ୟକ୍ତି ଜଳରେ ସେହି ପଲିଥିନ୍‌କୁ ଟାଣି ଟାଣି ନଦୀ ପାର କରାନ୍ତି। ଏଥିରେ ବି ବିପଦ ଭରି ରହିଥାଏ। ଟିକେ ଏପଟ ସେପଟ ହେଲେ ମୃତ୍ୟୁ ସୁନିଶ୍ଚିତ। ତଥାପି ଏହିଭଳିଭାବେ ପ୍ରାୟ ୫୦ଜଣ ପିଲା ନଦୀ ପାର୍ ହୁଅନ୍ତି। ସବୁ ପିଲା ଧାଡି ହୋଇ ଠିଆହୋଇ ଅପେକ୍ଷା କରି ଥାଆନ୍ତି ନିଜ ପାଳିକୁ। ଏତେ ବିପଦ ଥିବା ସତ୍ତ୍ୱେ ତାକୁ ଖାତିର୍ ନ କରି ମା'ବାପା ଛାତିରେ ପଥର ରଖି ପିଲାଙ୍କୁ ଏମିତିଭାବେ ନଦୀ ପାର୍ କରାଇ ବିଦ୍ୟାଳୟ ପଠାନ୍ତି। ଏହି ପିଲାଙ୍କ କଷ୍ଟ ଏତିକିରେ ସରି ନ ଥାଏ। ନଦୀ ପାର୍ ହେବା ପରେ ପ୍ରାୟ ୫ ଘଣ୍ଟାର ତଥା ପ୍ରାୟ ୧୫ କି.ମି. ସେମାନଙ୍କୁ ଚାଲିବାକୁ ହୁଏ। ସେପୁଣି ପାଣିକାଦୁଅ ଭରା ଖସଡା ଓ ଜଙ୍ଗଲ ରାସ୍ତାରେ। ଗମନାଗମନର ଏହି ଅସୁବିଧା ଯୋଗୁ ପିଲାମାନେ ସ୍କୁଲରେ ରହି ଯାଆନ୍ତି। ଆଉ ପ୍ରତି ଶନିବାର ଘରକୁ ଫେରନ୍ତି। କିନ୍ତୁ କେହି ପଢା ବନ୍ଦ କରି ନାହାନ୍ତି। ପିଲାଙ୍କ ଭିତରେ ପଢିବାର ଏହି ଆଗ୍ରହ ଏବେ ସମସ୍ତଙ୍କ ହୃଦୟକୁ ଛୁଇଁ ଯାଇଛି।

## କାର୍ଟୁନ କର୍ନର




# ସୂର୍ଯ୍ୟମନ୍ଦିରରେ ପୂଜା

ନୂଆକରି ଆରମ୍ଭ ହୋଇଥିବା ଯାତ୍ରାନୁଷ୍ଠାନ 'ଅପେରା ସୂର୍ଯ୍ୟମନ୍ଦିର'ର ପ୍ରଥମ ନାଟକ ହେଉଛି 'ପୁଅ ଯିବ ଶାଶୁଘର'। ସାଧାରଣତଃ ଝିଅମାନେ ଶାଶୁଘରକୁ ଯାଉଥିବା ବେଳେ 'ଅପେରା ସୂର୍ଯ୍ୟମନ୍ଦିର' ଏଥର ପୁଅମାନଙ୍କୁ ଶାଶୁଘରକୁ ପଠେଇବାର ଯୋଜନା କରୁଛି। ଏହି ନାଟକରେ ରହିଛି ଗୋଟିଏ ଆଦର୍ଶ ଝିଅର ଚରିତ୍ର। ସେ ଯୁକ୍ତି କରେ ଯେ, ଓଡ଼ିଆ ଘରର ଝିଅମାନେ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର। ସେମାନେ ବାହା ହୁଅନ୍ତି। ମଥାରେ ଓଢ଼ଣାଟାଣି ସେ ଶାଶୁଘରକୁ ଯାଆନ୍ତି। ସ୍ୱାମୀକୁ ନେଇ ସଂସାର ଗଢ଼ନ୍ତି। ଏହା ହେଉଛି ସବୁ ଓଡ଼ିଆ ଝିଅଙ୍କର ସ୍ୱପ୍ନ। ଯଦି କେହି ତା' ସ୍ୱାମୀକୁ ଘରଜ୍ୱାଇଁଆ କହେ ତା'ହେଲେ ସେ ସହିପାରେନି। ସ୍ୱାମୀକୁ ବାପ ଘରେ ଘରଜ୍ୱାଇଁଆ ଆସନରେ ଦେଖି କୌଣସି ଓଡ଼ିଆ ଝିଅ କେବେ ସୁଖୀ ହୁଏ ନାହିଁ।

ସୂଚନାଯୋଗ୍ୟ, ଏମିତି ଏକ ଚରିତ୍ର ମିଳିଛି ଅଭିନେତ୍ରୀ ପୂଜାଙ୍କୁ। ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଥିବା ନୂଆଯାତ୍ରା ସିଜନ୍‌ରେ ପୂଜା ଓରଫ୍ ପୂଜାରାଣୀ ବିଶ୍ୱାଳଙ୍କୁ ଏଭଳି ଏକ ଚରିତ୍ରରେ ଦେଖିବାକୁ ପାଇବେ ଯାତ୍ରା ଦର୍ଶକ। 'ଅପେରା ସୂର୍ଯ୍ୟମନ୍ଦିର'ର ପ୍ରଥମ ନାଟକ 'ପୁଅ ଯିବ ଶାଶୁଘର'ରେ ପୂଜା ପୋଲିସ୍ ଇନ୍ସପେକ୍ଟର ମାନସୀ ଭୂମିକାରେ ଅବତୀର୍ଣ୍ଣ ହେଉଛନ୍ତି। ସେ ଯାହାକୁ ବାହା ହେଉଛନ୍ତି ସେ ଘରଜ୍ୱାଇଁଆ ହୋଇ ଆସି ତାଙ୍କ ବାପ ଘରେ ରହୁଛି। ଏକଥାକୁ ମାନସୀ ବରଦାସ୍ତ କରିପାରୁନାହିଁ। ବାପ ଉପରେ ବିରକ୍ତ ହେଉଛି। ସ୍ୱାମୀକୁ ଟର୍ଚ୍ଚର କରୁଛି। କାରଣ ସେ ଚାହୁଁନାହିଁ ଯେ, ତା' ସ୍ୱାମୀ ତା' ଘରେ ରହୁ।

ଚରିତ୍ରଟିରେ ଉଭୟ ପଜିଟିଭ୍ ଓ ନେଗେଟିଭ୍ ଟଚ୍ ରହିଥିଲେ ମଧ୍ୟ ସାମଗ୍ରିକ ଭାବରେ ଚରିତ୍ରଟି ଯେ ଏକ ମହାନ୍ ଆଦର୍ଶ ଉପରେ ଠିଆ ହୋଇଛି ସେକଥାକୁ ଅସ୍ୱୀକାର କରାଯାଇ ପାରିବନି। ପୂଜା ମଧ୍ୟ ନିଜର ଚରିତ୍ରଟିକୁ ନେଇ ଖୁବ୍ ଆଶାବାଦୀ ଅଛନ୍ତି। ଏଥିରେ ତାଙ୍କ ପାଇଁ ଭରପୂର ଅଭିନୟର ସୁଯୋଗ ରହିଛି। ଆଉ ଦର୍ଶକ ନିଶ୍ଚିତ ଭାବରେ ତାଙ୍କୁ ଗ୍ରହଣ କରିବେ ବୋଲି ପୂଜା ମତବ୍ୟକ୍ତ କରନ୍ତି। ଏହି ନାଟକଟିକୁ ଗଣେଶ ରାଉତ ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ଅଶ୍ରୁମୋଚନ ମହାନ୍ତି। ଅନ୍ୟ ନାଟକଗୁଡ଼ିକ ମଧ୍ୟରେ ରହିଛି 'କାହାଣୀ କହୁଛି ସୂର୍ଯ୍ୟମନ୍ଦିର', 'ମାୟାବିନୀ ମୌସୁମୀ' ଏବଂ 'ଭିତିରି କଥା'।



ସୀତାର ଜଳୁଛି ଚିତା ନାଟକର ନାଟ୍ୟକାର ଅରୁଣ ନାୟକ, ନିର୍ଦ୍ଦେଶକ ମହେଶ ହାଜରା, ସଙ୍ଗୀତ ନିର୍ଦ୍ଦେଶକ ତାପସ ଦାସ(ଟିଟନ) ଏବଂ ଆକ୍ସନ ଷ୍ଟାର ବାପି ପଣ୍ଡା।

# କନ୍ଦେଇଲା - ହସେଇଲା - ରଗେଇଲା

ନିକଟରେ ବାଲେଶ୍ୱର ଶେରଗଡ଼ଠାରେ ବାଘାଯତୀନ ଲୋକନାଟ୍ୟର ପ୍ରଥମ ନାଟକ 'ସୀତାର ଜଳୁଛି ଚିତା'ର ଫାଇନାଲ୍ ରିହରସଲ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଚଣ୍ଡ ପ୍ରତିଭାସମ୍ପନ୍ନ ଯୁବ ନାଟ୍ୟକାର ଅରୁଣ ନାୟକଙ୍କ ରଚିତ ଏହି ନାଟକଟି ଦର୍ଶକମାନଙ୍କୁ ଯେତିକି କନ୍ଦେଇଛି, ସେତିକି ହସେଇଛି। ଆଉ ସେତିକି ପରିମାଣରେ ରଗେଇଛି ମଧ୍ୟ। ଅରୁଣ ନାୟକଙ୍କ ପ୍ରତ୍ୟେକଟି ଡାଏଲଗ୍ ଛୁଇଁଛି ଦର୍ଶକମାନଙ୍କୁ ; ଯାହାର ପ୍ରମାଣ ଥିଲା ଘନଘନ କରତାଳି। ଆଉ ସଂଳାପରେ ଭରି ହୋଇ ରହିଥିଲା ସମାଜକୁ ସଚେତନ କରିବାର ବାର୍ତ୍ତା। ଆମେ ଅନ୍ୟାୟକୁ ଦେଖି ଚୁପ୍ ରହିବାନି। ନିଜର ସ୍ୱାର୍ଥ ଲାଗି ଲୋକମାନେ ଭୁଲ୍‌କୁ ଭୁଲ୍ ବୋଲି ଜାଣି ମଧ୍ୟ ନୀରବ ରହିଯାଆନ୍ତି। ମାତ୍ର ତାହା ହେଉଛି କାପୁରୁଷପଣିଆ। ଅନ୍ତତଃ ଭୁଲ୍ ବିରୋଧରେ ଥରୁଟେ ସ୍ୱର ଉତ୍ତୋଳନ କରାଯିବା ଦରକାର। ଏହାକୁ ଥିମ୍ ଭାବରେ ନାଟକରେ ନେଇଥିଲେ ନାଟ୍ୟକାର। ଟ୍ୟୁଶନ୍ କରି ଘର ଚଳାଉଥିବା ଜଣେ ଯୁବତୀ ସାମ୍ନାରେ କିଛି ବଡ଼ଲୋକ ଘରର ପିଲା ଏକ ପାଗଳୀକୁ ବଳାତ୍କାର କରୁଛନ୍ତି। ତାହା ବିରୋଧରେ ସେ ସ୍ୱର ଉତ୍ତୋଳନ କରୁଛି। ବାପା ତାକୁ ଘରୁ ବାହାର କରି ଦେଉଛନ୍ତି। ତଥାପି ଯୁବତୀଟି ପଛକୁ ଫେରୁନି। ସମୟକ୍ରମେ ଭଗବାନ ଭଳି ଜଣେ ବ୍ୟକ୍ତିଙ୍କୁ ଭେଟୁଛି ସେ। ତାଙ୍କରି ସହାୟତାରେ ସେ ପାଗଳୀକୁ ବଳାତ୍କାର କରାଯିବାର ପ୍ରତିଶୋଧ ନେଉଛି। ନାଟ୍ୟକାର ଅରୁଣ ନାୟକ ଏଥିରେ ତାଙ୍କ ସଂଳାପ ରଚନାର ପ୍ରତିଭାକୁ ଭରପୂର ପ୍ରୟୋଗ କରିଛନ୍ତି। ନାଟକରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଓଡ଼ିଆ ଯାତ୍ରା ଇଣ୍ଡଷ୍ଟ୍ରିର ଆକ୍ସନ୍ ଷ୍ଟାର ବାପି ପଣ୍ଡା। ବାପିଙ୍କ ଅଭିନୟ କେବଳ ମନଛୁଆଁ ନୁହେଁ; ରୋମାଞ୍ଚକର। ବାପିଙ୍କ ଡାଏଲଗ୍ ଶୁଣିଲେ ଦର୍ଶକଙ୍କ ହାତ ଯେ ମନକୁମନ ମୁଠାମୁଠା ହୋଇଯାଉଥିବ ଏକଥାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ। ନାଟକର ନିର୍ଦ୍ଦେଶନାଭାର ସମ୍ଭାଳିଛନ୍ତି ଉଦୀୟମାନ ଯୁବ ନିର୍ଦ୍ଦେଶକ ମହେଶ ହାଜରା। ନୂଆ ଶୈଳୀର ଡିରେକ୍‌ସନ୍ ନାଟକଟିକୁ ଫିଲ୍ମିକ୍ (ସିନେମା ଭଳି) କରି ତୋଳିଛି। ଲୋକମାନଙ୍କୁ ଗୋଟିଏ ରାତି ଅନିଦ୍ରା କରି ରଖିବା ପାଇଁ ଯାହା ବି ଦରକାର ସେଭଳି ଟେକ୍ନିକ୍ ପ୍ରୟୋଗ କରିଛନ୍ତି ନିର୍ଦ୍ଦେଶକ ମହେଶ। ମୋଟାମୋଟି ଭାବରେ କହିବାକୁ ଗଲେ ନାଟ୍ୟକାର ଅରୁଣ ନାୟକ, ନିର୍ଦ୍ଦେଶକ ମହେଶ ହାଜରା ଏବଂ ଆକ୍ସନଷ୍ଟାର ବାପି ପଣ୍ଡା 'ସୀତାର ଜଳୁଛି ଚିତା'କୁ ଏ ବର୍ଷର ସଫଳ ନାଟକ ରୂପେ ଗଢ଼ି ତୋଳିଛନ୍ତି। ସଙ୍ଗୀତ ନିର୍ଦ୍ଦେଶକ ତାପସ ଦାସ (ଟିଟନ୍)ଙ୍କ ଗୀତ ଗୁଡ଼ିକ (ବିଶେଷ କରି ଟାଇଟଲ୍ ଟ୍ରାକ୍) ବେଶ୍ ମନଛୁଆଁ। ଏଠାରେ ସୂଚନାଯୋଗ୍ୟ ଯେ, ଗତ ଯାତ୍ରା ସିଜନ୍‌ରେ ଅରୁଣ ନାୟକ ଓ ମହେଶ ହାଜରା ବାଘାଯତୀନ୍ ଲୋକନାଟ୍ୟ ପାଇଁ 'ମୃତ୍ୟୁଦଣ୍ଡ' ନାଟକ ପ୍ରସ୍ତୁତ କରି ସଫଳ ହୋଇଥିଲେ।

# ଟେକ୍ନୋଲୋଜି ମାନିଆ




ଟେକ୍ନୋଲୋଜି ମଣିଷକୁ ସଭ୍ୟ କରିଛି ସତ। ହେଲେ ଏଇ ଟେକ୍ନୋଲୋଜି ବି କିଛି ମଣିଷକୁ ପାଗଳ ସଜେଇ ଦେଇଛି। ପରିସଂଖ୍ୟାନର ତଥ୍ୟ ଅନୁସାରେ ଏଭଳି ପାଗଳାମିର ମାତ୍ରା ଦିନକୁଦିନ ବଢ଼ି ଚାଲିଛି। ଦେଖନ୍ତୁ ଘଟଣାଟିଏ। ଜଣେ ଯୁବକ ଆଇପଡ଼ଟି କିଣିବା ପାଇଁ ନିଜର କିଡ୍‌ନୀ ବିକ୍ରି କରିଦେବାକୁ ପଛେଇ ନାହାନ୍ତି। ଘଟଣାଟି ଦକ୍ଷିଣ ଚାଇନାର ଚେନ୍‌ଝୁ ସିଟିରେ ଘଟିଛି। ଏଭଳି ଘଟଣା ଘଟେଇଥିବା ଯୁବକଙ୍କ ନାଁ ୱାଙ୍ଗ୍ ସାଙ୍ଗ୍‌କୁନ୍। ତାଙ୍କର ଆଇପଡ୍ ଭାରି ପ୍ରିୟ। ସେ ଆଇପଡ୍ କଥା ଶୁଣିଲେ ଭୋକଶୋଷ ଭୁଲିଯିବେ। ମାତ୍ର ପାରିବାରିକ ପରିସ୍ଥିତି ତାଙ୍କୁ କୌଣସି ସପୋର୍ଟ କରିପାରୁ ନ ଥିଲା। ୱାଙ୍ଗ୍ ଯେମିତି ବି ହେଉ ଆଇପଡ୍ କିଣିବାକୁ ଇଚ୍ଛା କରୁଥିଲେ। ଦିନେ ଏକ ବିଜ୍ଞାପନ ତାଙ୍କ ନଜରକୁ ଆସିଲା ; ଯେଉଁଥିରେ ଅଙ୍ଗ ପ୍ରତ୍ୟଙ୍ଗ ଖରିଦ କରାଯାଏ ବୋଲି ଉଲ୍ଲେଖ ରହିଥିଲା। ବିଜ୍ଞାପନଟି ଦେଖିବା ପରେ ୱାଙ୍ଗ୍ ଖୁସିରେ ନାଚି ଉଠିଲେ। ବିଜ୍ଞାପନ ଦେଇଥିବା ସମ୍ପୃକ୍ତ ସଂସ୍ଥା ନିକଟରେ ପହଞ୍ଚିଲେ। ଆଉ ନିଜର କିଡ୍‌ନୀଟିକୁ ବିକ୍ରି କରିଦେଲେ। ଅବଶ୍ୟ ଏହି ଘଟଣା ଜଣା ପଡ଼ିବା ପରେ ସମ୍ପୃକ୍ତ ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା।

# କେକ୍‌ର ମାଷ୍ଟରପିସ୍







ବ୍ୟାକ୍ ପେଜ୍



ରେନତ୍ ଅଗ୍‌ଜାମୋଭ୍ ଦିନେ ଥିଲେ ଜଣେ ବକ୍ସିଂ ଚାମ୍ପିୟନ। ହେଲେ ଏବେ ସେ ପରିଚିତ ସେଲିବ୍ରିଟି କେକ୍ ମେକର୍ ଭାବେ। ତାଙ୍କର ପ୍ରତ୍ୟେକ କେକ୍ ଗୋଟିଏ ଗୋଟିଏ ମାଷ୍ଟରପିସ୍। ଆଉ ସେଗୁଡିକ ବିକ୍ରି ହୁଏ ହଜାର ହଜାର ଡଲାରରେ। ସୁନ୍ଦର ରାଜପ୍ରାସାଦରେ ନୃତ୍ୟ କରୁଥିବା ପ୍ରେମୀ ଯୁଗଳଠୁ ଆରମ୍ଭକରି ୱାଟର ଫାଉଣ୍ଟେନ୍, ବିରାଟକାୟ ଡ୍ରାଗନ୍, ବରଫ ପାହାଡଭଳି ଅନେକ ଡିଜାଇନ୍‌ର କେକ୍ ସେ ତିଆରି କରିଛନ୍ତି। ରେନତ୍ ଏହି ବିରାଟକାୟ ଓ ଆକର୍ଷକ କେକ୍ ସବୁକୁ ଏତେ ନିଖୁଣଭାବେ କରିଥାଆନ୍ତି ଯେ, ଲାଗେ ବାସ୍ତବ ପରି। ସେଥିପାଇଁ ତ ତାଙ୍କ କେକ୍‌ର ବହୁତ ଚାହିଦା ରହିଛି। ଖାସ୍‌କରି ତାଙ୍କର ଅନେକ ହାଇ ପ୍ରୋଫାଇଲ୍ ଗ୍ରାହକ ଅଛନ୍ତି। ମାତ୍ର ୭ ବର୍ଷ ବୟସରୁ କେକ୍ ତିଆରି କରିବା ଆରମ୍ଭ କରିଥିଲେ ରେନତ୍। ସେବେଠାରୁ ଆଜିପର୍ଯ୍ୟନ୍ତ ସେ ୨୭୦୦ରୁ ଊର୍ଦ୍ଧ୍ୱ କେକ୍ ତିଆରି କରିସାରିଲେଣି। ତାଙ୍କର ୩୦ ବର୍ଷର ଅଭିଜ୍ଞତା ରହିଛି। ଆଉ ଅନେକ ପୁରସ୍କାର ବି ପାଇଛନ୍ତି। ତେବେ ଇନ୍‌ଷ୍ଟାଗ୍ରାମ୍ ଯୋଗୁ ସେ ଅନ୍ତର୍ଜାତୀୟ ସ୍ତରରେ ପରିଚିତ ହୋଇପାରିଛନ୍ତି। ବର୍ତ୍ତମାନ ତାଙ୍କର ୨ ମିଲିୟନ ଫ୍ୟାନ୍ ଅଛନ୍ତି। ଗତବର୍ଷ ସେ ୧୩ ଫୁଟ୍ ଉଚ୍ଚତାର ଫେରିଟେଲ୍ କ୍ୟାସେଲ୍ ପରି ଏକ ୱେଡିଂ କେକ୍ ତିଆରି କରିଥିଲେ, ଯାହାର ମୂଲ୍ୟ ୧,୭୯,୦୦୦ଡଲାର ଥିଲା। ୧୫୦୦ କି.ଗ୍ରା. ଓଜନର ଏହି କେକ୍ ଥିଲା ବେଶ୍ ଆକର୍ଷକ। ଅନେକ ମହଲାବିଶିଷ୍ଟ ଏହି କ୍ୟାସେଲ୍‌ରେ ବାଲକୋନି ଥିବା ସହ ସୁନ୍ଦର ବାହ୍ୟ ଓ ଆଭ୍ୟନ୍ତରୀଣ ସାଜସଜ୍ଜା ହୋଇଥିଲା। ତା'ର ଦ୍ୱାର ଖୋଲିବା ସହ କ୍ୟାସେଲ୍ ମଧ୍ୟରୁ ଯୁଅଳିଅ ନୃତ୍ୟ କରି ବାହାରକୁ ଆସୁଥିଲେ, ଯାହାକି ସମସ୍ତଙ୍କୁ ଚକିତ କରୁଥିଲା।

# ଓଲଟା ପ୍ୟାଣ୍ଟ ଫ୍ୟାଶନ

ବଦଳୁଛି ଫ୍ୟାଶନ୍‌ର ପରିଭାଷା। ପ୍ରତିଦିନ ଆସୁଛି ନୂଆ ନୂଆ ଫ୍ୟାଶନ। ବେଳେବେଳେ ତ ଫ୍ୟାଶନ ନାଁରେ ଏଭଳି ପୋଷାକ ସବୁ ଆସୁଛି ଯାହା ଲାଗେ ବେଶ୍ ଅଜବ। ନିକଟରେ ଏକ ଜିନ୍ ପ୍ୟାଣ୍ଟର ଫଟୋ ଭାଇରାଲ ହେବାରେ ଲାଗିଛି। ଯାହାକୁ ଦେଖି ଯେକେହିବି ନିଜ ହସକୁ ଅଟକାଇ ପାରିବେ ନାହିଁ। କାରଣ ଉକ୍ତ ଜିନ୍ସ ପ୍ୟାଣ୍ଟକୁ ଓଲଟା ପିନ୍ଧା ଯାଇଥାଏ। ଅନେକେ ଭୁଲ୍‌ବଶତଃ ବେଳେ ବେଳେ ଓଲଟା ସାର୍ଟ ପ୍ୟାଣ୍ଟ ପିନ୍ଧି ଦେଇଥାଆନ୍ତି। ହେଲେ ଏବେ ଏହି ଓଲଟା ପିନ୍ଧିବା ଫ୍ୟାଶନ୍ ପାଲଟିଛି। ଆସିଛି ଏମିତି ଏକ ଜିନ୍‌ସ ପ୍ୟାଣ୍ଟ, ଯାହାକୁ ଓଲଟାଭାବେ ତିଆରି କରାଯାଇଛି। ଏହାର ଭିତର ପକେଟ ଓ ସିଲେଇ ବାହାର ପଟକୁ ରହିଛି। ହଠାତ୍ ଦେଖିଲେ ଯିଏ ବି ଭାବିବେ ବୋଧହୁଏ ଭୁଲ୍‌ରେ ଓଲଟା ପିନ୍ଧି ଆସିଥିବେ ବୋଲି। ତେବେ ଫ୍ୟାଶନ୍‌ରେ ଆଗକୁ ଆଉ କ'ଣ ସବୁ ଅଜବ ଆସୁଛି ଦେଖିବାକୁ ବାକିରହିଲା।



